# ଜିଲ୍ଲାର ୪୬୦୦ ଚାଷୀଙ୍କୁ ମିଳିଲା ଇନ୍‌ପୁଟ୍ ସବ୍‌ସିଡି

**ସମ୍ବଲପୁର, ୮ ।୧୨(ସମିସ)**



ବରଗଡ଼ର ସୋହେଲା ଠାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମଗ୍ର ଓଡ଼ିଶାର ଚାଷୀ ଭାଇ-ଭଉଣୀଙ୍କ ପାଇଁ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ସବସିଡି ବଣ୍ଟନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଇନପୁଟ୍ ସହାୟତା ବଣ୍ଟନ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ନାରାୟଣ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ବିଧାୟକ ସମ୍ବଲପୁର ପ୍ରତିନିଧି ସମୀର ବାବୁ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସପି ମୁକେଶ କୁମାର ଭାମୂ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଆମ ଜିଲ୍ଲାରେ ମୋଟ ଚାଷୀ ପଞ୍ଜୀକରଣ ୫୯୮୯୫, ଆଜି ୪୬୦୦ ଚାଷୀଙ୍କୁ ଟଙ୍କା ମିଳିବ। ଜିଲ୍ଲାରେ ପ୍ରାୟ ୮୦ପ୍ରତିଶତ ଲୋକ କୃଷକ ଅଟନ୍ତି ଏବଂ ଯଦି ଆମେ ୮୦୦ ଟଙ୍କାର ଇନପୁଟ୍ ସହାୟତା ପାଇଥାଉ ତେବେ ଏହା ନିଶ୍ଚିତ ଭାବରେ ଆମର କୃଷକମାନଙ୍କୁ ସାହାଯ୍ୟ କରିବ ଏବଂ କୃଷକଙ୍କ ସାମଗ୍ରିକ ଉନ୍ନତି ହେବ। ପଞ୍ଚାୟତିରାଜ ମନ୍ତ୍ରୀ କହିଥିଲେ ଯେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଯାହା ପାଇଁ କୃଷକମାନେ ଅପେକ୍ଷା କରିଛନ୍ତି। ଅନେକ ସମୟରେ କ୍ଷୁଦ୍ର ଚାଷୀମାନେ ଯେତିକି ଟଙ୍କା ପାଇବା କଥା ତାହା ପାଇବାରେ ବିଫଳ ହୁଅନ୍ତି। ସେଇ ଦୃଷ୍ଟିରୁ ନେଇକି ମଣ୍ଡିର ବ୍ୟବସ୍ଥା କରା ଯାଉଛି। ଏଥର ୨୪ଟି ମଣ୍ଡିର ବିକାଶ ପାଇଁ ୮୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡିର ଆବଶ୍ୟକ ଅଛି। ପଞ୍ଚାୟତର ଚାଷୀମାନେ କିପରି ସେମାନଙ୍କ ଧାନକୁ ସଠିକ ଭାବେ ବିକ୍ରି କରିପାରିବେ। ଏହି ସବ୍‌ସିଡି ଇନପୁଟ୍ ରାଶି ମାତ୍ର ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ଉପରୋକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପସନା କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ରେ ସନାତନ ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା

**ସମ୍ବଲପୁର, ୮ ।୧୨(ସମିସ):** ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ଚାଲିଥିବା ଅମାନବୀୟ ବିଭତ୍ସ ଅତ୍ୟାଚାର ଚିନ୍ତାଜନକ ହୋଇପଡ଼ିଛି।ଏଭଳି ଦୁର୍ଦ୍ଦିନରେ ବାଂଲାଦେଶ ସରକାର ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ହୋଇ ରହିଛନ୍ତି। ଏପରିକି ଶାନ୍ତିପୂର୍ଣ୍ଣ ଭାବେ ସମାଜର ସୁରକ୍ଷା ପାଇଁ ସଂଗ୍ରାମରତ ଇସ୍କନ ସନ୍ନ୍ୟାସୀ ଚିନ୍ମୟକୃଷ୍ଣ ଦାସଙ୍କୁ ବାଂଲାଦେଶ ସରକାର ଦେଶଦ୍ରୋହ ଅପରାଧରେ ଅନ୍ୟାୟ ଭାବେ ଜେଲକୁ ପଠାଇଛନ୍ତି। ହିନ୍ଦୁ ସମାଜ ପ୍ରତି ହେଉଥିବା ଅତ୍ୟାଚାରର ପ୍ରତିବାଦ ସହ ସନ୍ନ୍ୟାସୀ ଚିନ୍ମୟକୃଷ୍ଣ ଦାସଙ୍କୁ ଜେଲରୁ ମୁକ୍ତି ପାଇଁ ସନାତନ ସୁରକ୍ଷା ସମିତି, ସମ୍ବଲପୁର ତରଫରୁ ଗତ ୬ ତାରିଖ ଦିନ ଓଡ଼ିଶା ସାଂସ୍କୃତିକ ସମାଜ ଭାବନ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ସହରର ବହୁ ଧାର୍ମିକ, ସାମାଜିକ ତଥା ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଯୋଗଦାନ କରିଥିଲେ। ସନାତନ ସୁରକ୍ଷା ମଞ୍ଚର ସଂଯୋଜକ ଡା ପୁରୁଷୋତ୍ତମ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚିନ୍ମୟ ମିଶନ ତରଫରୁ ସଧ୍ୱୀ ବିଷ୍ଣୁପ୍ରିୟା ନନ୍ଦ, ରାଧା ମଦନ ମନ୍ଦିର ତରଫରୁ ଶିବ ପ୍ରଭୁ ତଥା କିଶୋର ପ୍ରଭୁ ଏବଂ ଇସ୍କୋନ ବୁର୍ଲାର ଅସିତ କୃଷ୍ଣ ଦାସ ଉପସ୍ଥିତ ଥିଲେ। ସନାତନ ସୁରକ୍ଷା ସମିତି ସମ୍ବଲପୁର ତରଫରୁ ଆସନ୍ତା ୧୦ତାରିଖ ମଙ୍ଗଳବାର ଦିନ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଏବଂ ସଭାକାର୍ଯ୍ୟ ସହ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଶୋଭାଯାତ୍ରା ତିନୋଟି ପଟୁଆର ଯଥାକ୍ରମେ ସମଲେଶ୍ୱରୀ ମନ୍ଦିର, ବୁଢ଼ାରଜା ଜଗନ୍ନାଥ ମନ୍ଦିର ଏବଂ ଜେଲ୍ ଛକ ନିକଟରେ ଥିବା ଫୋର୍-ସି ପଡ଼ିଆରୁ ବାହାରି ୧୧ଟା ସୁଦ୍ଧା ମହିଳା ଥାନା ନିକଟରେ ପହଞ୍ଚିବ। ପରେ ବିରାଟ ପ୍ରତିବାଦ ଯାତ୍ରା ବାହାରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ।



# ରାମ-ସୀତାଙ୍କ ବିବାହ ମହୋତ୍ସବ



**ସମ୍ବଲପୁର, ୮ ।୧୨(ସମିସ):** ସମ୍ବଲପୁର ସହରର ଜିଲ୍ଲା ସ୍କୁଲ ଛକ ବୃନ୍ଦହିଲ ହନୁମାନ ମନ୍ଦିରରେ ରାମସୀତାଙ୍କ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ହେଉଥିବା ରାମସୀତାଙ୍କ ବିବାହ ମହୋତ୍ସବ ସମ୍ବଲପୁର ଜିଲ୍ଲା ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ବେଶ ପ୍ରଶିଦ୍ଧ ରହିଛି। ଚଳିତ ବର୍ଷ ମଧ୍ୟ ହନୁମାନ ମନ୍ଦିର ପରିଚାଳନା କମିଟି ବୃନ୍ଦହିଲ ସମ୍ବଲପୁର ପକ୍ଷରୁ ଅନୁଷ୍ଠିତ ରାମସୀତାଙ୍କ ବିବାହ ମହୋତ୍ସବ ୨୮ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷର ରାମସୀତାଙ୍କ ବିବାହ ମହୋତ୍ସବରେ ମାତା ସୀତାଙ୍କର ପିତାମାତା ଭାବରେ ବୈଷ୍ଣବ ପାଢ଼ୀ ଓ ବିଣା ପାଢ଼ୀ ଦାୟିତ୍ୱ ତୁଲାଇଥିବାବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପିତା ଭାବରେ ରାଧାକୃଷ୍ଣ କର ଦାୟିତ୍ୱ ସମ୍ପାଦନ କରିଥିଲେ। ଯଥା ନିୟମ ଅନୁସାରେ ବୈଦିକ ରିତିନିତିରେ ବରପକ୍ଷ, କନ୍ୟାପକ୍ଷଙ୍କ ଉପସ୍ଥିତରେ ପଣ୍ଡିତଙ୍କ ମନ୍ତ୍ରୋଚ୍ଚାରଣରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମସୀତାଙ୍କ ବିବାହ ମହୋତ୍ସବରେ ହନୁମାନ ମନ୍ଦିର ପରିଚାଳନା କମିଟି ବୃନ୍ଦହିଲ ସମ୍ବଲପୁର ପକ୍ଷରୁ ସମସ୍ତ ପଦାଧିକାରୀ ଉପସ୍ଥିତ ରହି ବିବାହ ମହୋତ୍ସବ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।ନବବିବାହିତା ଦେବଦମ୍ପତିଙ୍କ ନଗର ଶୋଭାଯାତ୍ରା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଶୀତ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର, ୮ ।୧୨(ସମିସ):**ଶୀତ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବିତା ପାଠୋତ୍ସବ, ଯୋଗ, ସଙ୍ଗୀତ, ନୃତ୍ୟ, ଫେଶନ, କମେଡି ଶୋ ଆଦି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା।ସ୍ୱାସ୍ଥ୍ୟ ହିଁ ସମ୍ପଦ, ସୁସ୍ଥ ଓ ନିରୋଗ ରହିବା ପାଇଁ ଯୋଗ ଜରୁରୀ ଅଟେ। ତେଣୁ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଯୋଗ କରିବା ଉଚିତ୍। ଏଭଳି ସ୍ଥଳେ ମିଷ୍ଟର ଯୋଗ ମ୍ୟାନର କଳାକାରମାନେ ବିଭିନ୍ନ ଯୋଗ ପ୍ରଦର୍ଶନ କରିଥିଲେ। ଇଣ୍ଡିଆ ଗଟ୍ ଟ୍ୟାଲଣ୍ଟର କମେଡ଼ିଆନ୍ ଜୟଦିପ ମୁଖାର୍ଜୀ ବିଭିନ୍ନ କମେଡି କରି ଲୋକଙ୍କୁ ହସାଇଥିଲେ।ପ୍ରିଶା ମିଶ୍ର ଭାରତ ନାଟ୍ୟମ୍ ନୃତ୍ୟ କରିଥିଲେ। ଆକସନ୍ ଫେସନ ଗ୍ରୁପର କଳାକାର ମାନେ ମଞ୍ଚରେ ନିଜର ପିନ୍ଧନ ପଚ୍ଛା ପିନ୍ଧି ମଞ୍ଚରେ ଚାଲିଥିଲେ। ଆୟୋଜକ କମିଟି ଅଧ୍ୟକ୍ଷ ମହମ୍ମଦ ପରଭେଜ ଅଲ୍ଲୀ ଖାନ୍, ସଂଯୋଜକ ତ୍ରିଲୋଚନ ତ୍ରିପାଠୀ, ଆବାହକ ହମିଦ ରହେମାନ୍, ସହ ଆବାହକ ଦେବାଶିଷ ପାଢ଼ୀ, ଗଣ ମାଧ୍ୟମ ସଂଯୋଜକ ସତ୍ୟଜିତ ମହାପାତ୍ର ମଞ୍ଚାସିନ ଥିଲେ।

# ମିଳିତ ଶିକ୍ଷକ-କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ

**ସମ୍ବଲପୁର, ୮ ।୧୨(ସମିସ):** ଚନ୍ଦନୀମାଲ ହାଇସ୍କୁଲ ପରିସରରେ ରବିବାର ଓଷ୍ଟା ସମ୍ବଲପୁର ଜିଲ୍ଲା ତରଫରୁ ଆସନ୍ତା ୧୦ ତାରିଖ ଦିନ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହାସମାବେଶ ପାଇଁ ମିଳିତ ଶିକ୍ଷକ-କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ଶତାଧିକ ଶିକ୍ଷକ ଯୋଗଦାନ ପୂର୍ବକ ଆସନ୍ତା ୧୦ ତାରିଖ ଦିନ ଭୁବନେଶ୍ୱର ମହାସମାବେଶରେ ଯୋଗଦେବା ପାଇଁ ସ୍ଥିରୀକୃତ ହୋଇଥିଲା। ସମାବେଶରେ ସମସ୍ତ ଅସମାହିତ ଦାବିଗୁଡିକ ମଧ୍ୟରେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱର ଅନୁଦାନ ଆଶାୟୀ ବିଦ୍ୟାଳୟମାନଙ୍କୁ ଶୀଘ୍ର ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ୬୧୦ ଉଚ୍ଚ ବିଦ୍ୟାଳୟର ସରକାରୀକରଣ, କ୍ରୀଡ଼ା ଶିକ୍ଷକ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକମାନଙ୍କ ଦରମାରେ ଥିବା ଅସଂଗତି ଦୂରୀକରଣ, କିରାଣୀମାନଙ୍କ ଗ୍ରେଡ୍ ପେ ବୃଦ୍ଧି, ଚାକିରି ବୟସ ସୀମା ୬୦ ରୁ ୬୨ କୁ ବୃଦ୍ଧି ଆଦି ଦାବି ରହିଛି। ବୈଠକରେ ଓଷ୍ଟା ଜିଲ୍ଲା ସଂଗଠନର କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ, ଜିଲ୍ଲା ସଭାପତି କୁଳଧର ପ୍ରଧାନ, ସମ୍ପାଦକ ହରି ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ବିଭୂତି ଭୁଷଣ ଚାନ୍ଦ, ବିଶ୍ୱାମିତ୍ର ଦୀପ୍, ଆନନ୍ଦ ତନସନା, ସମୀର ରଞ୍ଜନ ନାଥ, ଭଗବାନ ରାଉତ, କମଳ ଲୋଚନ ବେହେରା ଆଦିଙ୍କ ନେତୃତ୍ୱରେ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀମାନେ ଯୋଗଦାନ କରିଥିଲେ।

# ଡେଙ୍ଗସରଗି ଆଶ୍ରମ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

**ହୀରାକୁଦ, ୮ ।୧୨(ସମିସ):** ହିଣ୍ଡାଲ୍‌କୋ ହୀରାକୁଦ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବର ସ୍ଥାନୀୟ ଡେଙ୍ଗସରଗି ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ହିଣ୍ଡାଲ୍‌କୋର ୟୁନିଟ୍ ହେଡ ଦେବାଶିଷ ମଲ୍ଲିକଙ୍କ ପରାମର୍ଶକ୍ରମେ ଅଞ୍ଚଳର ସ୍ୱାସ୍ଥ୍ୟ ସୁରକ୍ଷା ସୁବିଧା ନିମନ୍ତେ ଅନୁଷ୍ଠିତ ହୋଇଛି। ଶିବିରକୁ ହିଣ୍ଡାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ବରିଷ୍ଠ କୃଷକ ନେତା ଅଶ୍ୱିନୀ କୁମାର ପୂର୍ସେଟ, ଡେଙ୍ଗସରଗି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ପାରିପାର୍ଶିକ ଉନ୍ନୟନ ବିଭାଗର କ୍ଲଷ୍ଟର ହେଡ ଶିବ ମହାପାତ୍ର, ଏର ହେଡ ସତ୍ୟ ପ୍ରସାଦ ଦାସ, ଚିପ୍ ମେଡିକାଲ ଅଫସର ପ୍ରବୀଣ କୁମାର ଯାଦବ ଓ ସୁକାନ୍ତ କୁମାର ମହାପାତ୍ର ଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ଗ୍ରାମର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକ ସଂଗଠନ କର୍ମକର୍ତ୍ତା, ମହିଳା ସଂଗଠନ ସଦସ୍ୟା, ସ୍ୱୟଂ ସହାୟତା ଗୋଷ୍ଠୀ ସଭ୍ୟା ଉପସ୍ଥିତ ଥିଲେ।ଶିବିରରେ ଡାକ୍ତର ପ୍ରବୀଣ କୁମାର ଯାଦବ ନେତୃତ୍ୱରେ ଡ଼ଃ ତ୍ରିଲୋଚନ ବାରିକ, ଡ଼ଃ ପଦ୍ମାଳୟା ମିଶ୍ର, ଡ଼ଃ ହିମାଂଶୁ ଶେଖର ସିଂହ, ଓ ଡ଼ଃ କୌସିକ ପାତ୍ର ପ୍ରଭୃତି ଅଭିଜ୍ଞ ଡାକ୍ତରୀ ଦଳ ବହୁବିଧ ରୋଗର ଚିକିତ୍ସା କରିବା ସହ ରୋଗୀଙ୍କୁ ଆବଶ୍ୟକ ଔଷଧ ବିତରଣ କରାଯାଇଥିଲା। ଶିବିରର ୨୯୪ ଜଣ ହିତାଧିକାରୀ ସୁବିଧା ନେଇଥିଲେ। କାର୍ଯ୍ୟକ୍ରମକୁ ହିଣ୍ଡାଲ୍‌କୋ ସ୍ୱାସ୍ଥ୍ୟ ସେବା ବିଭାଗର ସତ୍ୟ ପଣ୍ଡାଙ୍କ ନେତୃତ୍ୱରେ ହିଣ୍ଡାଲ୍‌କୋ ସ୍ୱାସ୍ଥ୍ୟ ସେବା ବିଭାଗର ଏକ ଦଳ ଏବଂ ସିଏସଆର ବିଭାଗର ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ହିଣ୍ଡାଲକୋ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ସହ ସ୍କୁଲର କମିଟି ସଭ୍ୟଗଣ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀସତ୍ୟସାଇ କିଡିଜ୍ ଏବୋଡ୍‌ର ବାର୍ଷିକ କ୍ରୀଡ଼ା



**ସମ୍ବଲପୁର, ୮ ।୧୨(ସମିସ):** ବୁର୍ଲାସ୍ଥିତ ଶ୍ରୀସତ୍ୟସାଇ କିଡିଜ୍ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟ ରସାୟନ ବିଭାଗର ପ୍ରଫେସର ଶରତ ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ମଧୁ କାପାନୀ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ଦେବେନ୍ଦ୍ର କାପାନୀ ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ କରୁଣା କାପାନୀ, ଅଧ୍ୟକ୍ଷା ସୋନିଆ ବର୍ମା ମଞ୍ଚାସିନ ଥିଲେ।ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ସୂର୍ଯ୍ୟକାନ୍ତ ଦାଣ୍ଡିଆ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ ସଫଳତା



**ଜମନକିରା, ୮ ।୧୨(ସମିସ):** ଡିସେମ୍ବର ୮ ତାରିଖ ଜିଲ୍ଲାସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା ଲେଡିଲୁଇସ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମନକିରା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚିନିମହୁଲର ଛାତ୍ର ରୋହନରାଜ ଗିରି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ବ୍ଲକକୁ ଗୌରବାନ୍ୱିତ କରିଛନ୍ତି। ସେ ଚଳିତ ମାସ ୧୪ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଉତ୍ସବରେ ଯୋଗଦାନ କରିବେ। ଉଲ୍ଲେଖଯୋଗ୍ୟ ଯେ ସେ କସଡା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ରଣଜିତ ଗିରିଙ୍କ ସୁପୁତ୍ର ଅଟନ୍ତି।

# ଭିସୁଟରେ ଏନ୍‌ଏସ୍‌ଏସ୍‌ର ବୈଠକ

**ବୁର୍ଲା, ୮ ।୧୨(ସମିସ):** ଆସନ୍ତା ବର୍ଷ ପାଇଁ ଏନ୍‌ଏସ୍‌ଏସ୍ ଆକ୍ଟିଭିଟି କ୍ୟାଲେଣ୍ଡର ଉପରେ ଆଲୋଚନା ଓ ଚୂଡ଼ାନ୍ତ କରିବା ପାଇଁ ବୁର୍ଲାସ୍ଥିତବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିଏସ୍‌ଏସ୍ୟୁଟି)ରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଆନୁଷ୍ଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିଏସ୍‌ଏସ୍ୟୁଟିର ସମ୍ମାନିତ କୁଳପତି ପ୍ରଫେସର ଡ. ବିବି ପତି ଯୋଗ ଦେଇଥିଲେ। ଓଡ଼ିଶା ପାଇଁ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୁବ ସଶକ୍ତିକରଣ ଏବଂ ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବାରେ ଏନ୍‌ଏସ୍‌ଏସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ନୋଡାଲ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ସାମଗ୍ରିକ ଛାତ୍ର ବିକାଶ କୁ ସୁନିଶ୍ଚିତ କରିବା ସହିତ ଏନ୍‌ଏସ୍‌ଏସ୍ କାର୍ଯ୍ୟକଳାପକୁ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସହିତ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଉପସଚିବ ନିରଦ ବରଣ ଖୁଣ୍ଟିଆ ଏନ୍‌ଏସ୍‌ଏସ୍ ବ୍ୟାପକ ଲକ୍ଷ୍ୟ ହାସଲ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗୀ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ(ଡିପିଓ) ଡ.ଶାନ୍ତନୁ ପ୍ରଧାନ ସଫଳ ଆଞ୍ଚଳିକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ■ ଅବସରକାଳୀନ ସମ୍ବର୍ଦ୍ଧନା ସଭା

# 'ଶିକ୍ଷକମାନେ ସମାଜରେ ପରିବର୍ତ୍ତନ ଆଣିପାରିବେ'

**ଜମନକିରା, ୮ ।୧୨(ସମିସ):** ରବିବାର ଦିନ ଆଶ୍ରମ ବିଦ୍ୟାଳୟ ଷଣ୍ଢପଥର ଠାରେ ସମ୍ବଲପୁର ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଓଡ଼ିଶାର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ବିଦାୟକାଳିନ ସମ୍ବର୍ଦ୍ଧନା ସଭା ହୋଇଥିଲା। ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ଓଡ଼ିଶା ସମ୍ବଲପୁର ଶାଖା ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଯୋଗଦେଇ ଶିକ୍ଷକମାନେ ସମାଜ ଉନ୍ନତିର ମେରୁଦଣ୍ଡ ବୋଲି କହିଥିଲେ। ଦେବଗଡ଼ କଲେଜର ଅଧ୍ୟକ୍ଷ ସୁଦାମ ପରିଡ଼ା ମୁଖ୍ୟବକ୍ତା ରୂପେ ଯୋଗ ଦେଇ ସମାଜ ସୁଧାରରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥିବା କଥା ଉଲ୍ଲେଖ କରିଥିଲେ। ସଭାରେ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜମନକିରା ରବୀନ୍ଦ୍ର ନାରାୟଣ ସେଠି, ସରକାରୀ ଉଚ୍ଚ ବିଦ୍ୟାଳୟ ଷଣ୍ଢପଥରର ପ୍ରଧାନ ଶିକ୍ଷକ ତଥା ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର କୁମାର ଜଗତ, ଅନିଭା ନାଏକ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୁଚିଣ୍ଡା,



ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ସମ୍ବଲପୁର ବିଜୟା ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇଥିଲେ।ଶେଷରେ ସଂଘର ସମ୍ପାଦକ ପଙ୍କଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।ବିଭାଗରୁ ଅବସର ଗ୍ରହଣ କରିଥିବା ୮ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜମନକିରା ବ୍ଲକର ଶିକ୍ଷକ ନୀଳମଣି ଝାଙ୍କର, ବିଷ୍ଣୁ ଚରଣ ଧାନ, ରାଜକିଶୋର ପ୍ରସାଦ, ଜଗଦୀଶ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜକରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସନ୍ତୋଷିନୀ ପୃସେଠ, ସୁଧୀର ପ୍ରଧାନ, ସନ୍ତୋଷ ଶତପଥି, ତରୁଲତା ସୁନାନୀ, ଅନିତା ରାଣୀ ଦାସ, ଚୈତନ୍ୟ ସାହୁ, ରାଧେଶ୍ୟାମ ବାରିକ, ସ୍ମୃତିରେଖା ସହାଶମଲ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୨୪ରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

**ସମ୍ବଲପୁର, ୮ ।୧୨(ସମିସ):** ଆସନ୍ତା ୨୪ ତାରିଖରୁ ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଝାଡୁଆପଡ଼ା ଆରଣ୍ୟକ ମଞ୍ଚରେ ଆୟୋଜିତ ହେବାକୁ ଯାଉଛି। ଚଳିତ ବର୍ଷର ପ୍ରତିଯୋଗିତା ଲାଗି ୨୨ଟି ନାଟ୍ୟଦଳ ଆବେଦନ କରିଥିଲେ।ସେଥିରୁ ୧୫ଟି ନାଟକକୁ ପ୍ରତିଯୋଗିତାରେ ମଞ୍ଚସ୍ଥ ସକାଶେ ମନୋନୟନ କମିଟି ଦ୍ୱାରା ଚୟନ କରାଯାଇଛି। ଦିନକୁ ତିନୋଟି କରି ପାଞ୍ଚ ଦିନରେ ପନ୍ଦରଟି ନାଟକ ମଞ୍ଚସ୍ଥ ହେବ। ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ସୋନପୁର ଆଦି ଜିଲ୍ଲାର ନାଟ୍ୟଦଳମାନେ ନାଟକ ମଞ୍ଚସ୍ଥ କରିବେ। ଉଦ୍‌ଘାଟନୀ ଉତ୍ସବ ଦିନ ଅମୃତ ମହୋତ୍ସବ, ପାଠ ନାଇହେଲେ ଶାଠ ହେଉ ଓ ଚିନାମାଲି ମଞ୍ଚସ୍ଥ ହେବ। ସେହିପରି ୨୫ ତାରିଖରେ ଝଟକା, ଉଲଟା ଭାରତ ଓ ବଲଦ, ୨୬ ତାରିଖରେ ଥିଲା ଅଛେ ହେବା, ହେପ୍ପି ଏସଭରସରି ଓ ଏ..ରୋବୋ, ୨୭ରେ ସର୍ଗିଫୁଲ, ଆଦମଖୋର ଓ ଶୁଆ ଶାରୀ କଥା ଏବଂ ୨୮ ତାରିଖରେ ତୋର ଝୁମକା, ହୋ ପାହୋମ ଓ ପୁରଥିନୁ ସରଗ ମଞ୍ଚସ୍ଥ ହେବ। ୨୯ ତାରିଖ ଉଦ୍‌ଯାପନୀ ସଭାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପୂର୍ବରୁ ପ୍ରଦର୍ଶନି ନାଟକ ଭାବରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ନାଟ୍ୟସଂସ୍ଥା ଦ୍ୱାରା ସମ୍ବଲପୁରୀ ନାଟକ 'ଇଟା ହିଁ ଜୀବନ' ପରିବେଷିତ ହେବ ବୋଲି ପ୍ରତିଯୋଗିତା ଆୟୋଜନ ସମିତିର ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଏବଂ ସଂଯୋଜକ ଜଗଦୀଶ ମିଶ୍ର ଆୟୋଜକ ଅନୁଷ୍ଠାନ ଯୁବ ଉଦୟନର ସମ୍ପାଦକ ଅଭିଷେକ ମିଶ୍ର ଓ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡର ମେନେଜିଂ ଟ୍ରଷ୍ଟି ସରୋଜ ଦଳପତଙ୍କ ଉପସ୍ଥିତିରେ ସୂଚିତ କରିଛନ୍ତି।




# ୧୨ରୁ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ

**ସମ୍ବଲପୁର, ୮ ।୧୨(ସମିସ)**

ଶ୍ରୀକଲଚରାଲ ଏସୋସିଏସନ୍, ସମ୍ବଲପୁର ଏବଂ ପ୍ରଦର୍ଶନ କଳା ବିଭାଗ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସହଯୋଗରେ ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁପଟ୍ଟନାୟକ ପ୍ରେକ୍ଷାଗୃହରେ ଆୟୋଜିତ ହେବ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ'। ପ୍ରାୟୋଜକ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଥିବା ବେଳେ ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ଼ ସହଯୋଗ କରୁଛି।ଉଦ୍‌ଘାଟନୀ ସନ୍ଧ୍ୟାରେ ଶାନ୍ତପୁର ରଙ୍ଗପୀଠ, କୋଲକାତା ପକ୍ଷରୁ ବିଶ୍ୱଜିତ ବିଶ୍ୱାସଙ୍କ ରଚିତ ଓ ନିର୍ଦ୍ଦେଶିତ ବଙ୍ଗଳା ନାଟକ 'ସାତ୍ରଘରିଆ' ମଞ୍ଚସ୍ଥ ହେବାକୁ ଥିବା ବେଳେ ଦ୍ୱିତୀୟ ନାଟକ ଭାବେ ମିରର ଥିଏଟର, ବେଲପାହାଡ଼ ଦ୍ୱାରା ଡ. ସୁବାଷଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଲାଲପାଏନ୍' ପ୍ରଦର୍ଶିତ ହେବ। ସେହିପରି ୧୩ ତାରିଖ ସନ୍ଧ୍ୟାରେ ସମ୍ପର୍କ, ରାଉରକେଲା ପକ୍ଷରୁ ଓଡ଼ିଆ ନାଟକ 'ଜନ୍ମମାଟି' ପ୍ରଦର୍ଶିତ ହେବ। ପଦ୍ମଶ୍ରୀ ମନୋରଞ୍ଜନ ଦାଶଙ୍କ ରଚିତ ଏହି ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ଭାସ୍କର ଚନ୍ଦ୍ର ମହାପାତ୍ର। ୧୪ ଡିସେମ୍ବର ଦିନ ପ୍ରଦର୍ଶିତ ହେବ ଶ୍ରୀ କଲଚରାଲ ଏସୋସିଏସନ୍ ପକ୍ଷରୁ ଆଶିଷ




କୁମାର ସୋନାରଙ୍କ ରଚିତ ଏବଂ ସତ୍ୟରଞ୍ଜନ ବେହେରା ଓ ଆଶିଷ ସୋନାର ଦ୍ୱାରା ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ସାଧନା'। ଉଦ୍‌ଯାପନୀ ସନ୍ଧ୍ୟା ଆସୋସିଏସନ୍‌ର ଆଶିଷ କୁମାର ସୋନାରଙ୍କ ରଚିତ ଏବଂ ଦିଲୀପ କୁମାର ଦେବ ଓ ଆଶିଷ କୁମାର ସୋନାରଙ୍କ ନିର୍ଦ୍ଦେଶିତ ଏକକ ସମ୍ବଲପୁରୀ ନାଟକ ଅନ୍ତଦହନ ମଞ୍ଚନ ହେବ। ପରେ ପ୍ରଦର୍ଶିତ ହେବ ଶତାବ୍ଦୀର କଳାକାର, ଭୁବନେଶ୍ୱର ପକ୍ଷରୁ ଧୀର ମଲ୍ଲିକଙ୍କ ରଚିତ ଓ ନିର୍ଦ୍ଦେଶିତ ଓଡ଼ିଆ ନାଟକ ଜୀବନ୍ୟାସ। ୧୪ରେ ପ୍ରଦର୍ଶନ କଳା ବିଭାଗ ସଭାଗୃହରେ ଏକ ନାଟ୍ୟ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ। ଏହି ଜାତୀୟ ନାଟ୍ୟ ଉତ୍ସବ ଅବସରରେ ଚଳିତ ବର୍ଷ ଓଡ଼ିଶାର ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଦେବଗଡ଼ର ହେମନ୍ତ କୁମାର ମହାପାତ୍ରଙ୍କୁ 'ଶ୍ରୀ ନାଟ୍ୟ ସମ୍ମାନ' ପ୍ରଦାନ କରାଯିବାକୁ ସ୍ଥିରୀକୃତ ହୋଇଥିବା ବେଳେ ଅଭିନେତ୍ରୀ ସାଧନା ବହିଦାରଙ୍କ ସ୍ମୃତିରେ 'ସାଧନା ସମ୍ମାନ' ପ୍ରଦାନ କରାଯିବ ରାଉରକେଲାର ମଞ୍ଚ ଅଭିନେତ୍ରୀ ସୁଦେଷ୍ଣାରାଣୀ ରାଉତଙ୍କୁ। ସେହିପରି 'ଡ. ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ ହେବେ ଚର୍ଚ୍ଚିତ ମଞ୍ଚ ଅଭିନେତା ସମ୍ବଲପୁରର ବିବେକାନନ୍ଦ ବେହେରା ଓ ସଞ୍ଜୀବ ମାଝୀ।



# ସୋହେଲାରେ ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା କାର୍ଯ୍ୟକ୍ରମ

ବରଗଡ଼, ୮।୧୨(ସମିସ):



ରାଜ୍ୟ ସରକାର ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଦେଇଛନ୍ତି। ବରଗଡ଼ ଜିଲ୍ଲା ସୋହେଲାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ପ୍ରଦାନର ଶୁଭାରମ୍ଭ କରିଛନ୍ତି।

## ପଦ୍ମପୁରରେ ସ୍ୱାଗତ ସମ୍ବର୍ଦ୍ଧନା



ପଦ୍ମପୁର: ବରଗଡ଼ ଜିଲ୍ଲା ସୋହେଲା ନିକଟସ୍ଥ ଇଛାପାଲି ଚାଷୀ ସମାବେଶରେ ଇନ୍‌ପୁଟ ସହାୟତା ରାଶି ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଦ୍ମପୁର ଉଡ଼ାଜାହାଜ ପଡ଼ିଆରେ ଓହ୍ଲାଇ ଥିଲେ। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମଧ୍ୟ ଥିଲେ। ନିର୍ବାଚନ ସମୟରେ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ପଦ୍ମପୁରର ଯୁବ ନେତା ପ୍ରିତେଶ ବହିଦାର ଚାଷୀଙ୍କ ତରଫରୁ କୃତଜ୍ଞତା ଜଣାଇଛନ୍ତି। ସ୍ୱାଗତ ସମୟରେ ଅଶୋକ ମିଶ୍ର, ସୁବାସ ପାତ୍ର, ହରି ସିଂ, ରମେଶ ଗର୍ଗ, ସୁନୀଲ ଅଗ୍ରୱାଲ, କାଉନସିଲର କୁନାଲ ପାଣିଗ୍ରାହୀ, ପ୍ରମିଳା ମେହେର, ଚିନ୍ମୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ବେଳେ ଉଠି ପଳାଇଲେ ମହିଳା

**ବରଗଡ଼:** ବରଗଡ଼ ଜିଲ୍ଲା ସୋହେଲାରେ ରବିବାର ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଚାଷୀଙ୍କ ମଧରେ ମହିଳାଙ୍କ ସଂଖ୍ୟା ବହୁତ୍ ବେଶୀ ଥିଲା। ସମସ୍ତଙ୍କ ମନରେ ଖୁବ୍ ଖୁସି ଥିଲା ଆଜି ମୁଖ୍ୟମନ୍ତ୍ରୀ ଏକ ଇନ୍‌ପୁଟ ସବ୍‌ସିଡି ଘୋଷଣା କରିବେ ଏବଂ ବୋନସ ୮ ଶହ ଟଙ୍କା ଚାଷୀମାନେ ପାଇବେ। ସ୍ୱାଗତ ଭାଷଣ ପରେ ଜଣେ ପରେ ଜଣେ ନେତା ଭାଷଣ ଦେଇଥିଲେ। ଦିନ ୧.୩୦ ମିନିଟ ସମୟରେ ଯେମିତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣ ଆରମ୍ଭ କଲେ ମହିଳମାନେ ଚେୟାରରୁ ଉଠି ଚାଲିଗଲେ। ଯାହାକି ସବୁଠି ଚର୍ଚ୍ଚାର ବିଷୟ ହେଉଛି।



## ଲକ୍ଷ୍ମୀ ବସ୍‌ରେ ସମାବେଶକୁ ଆସିଲେ ଶହଶହ ଲୋକ



**ବରଗଡ଼:** ସୋହେଲା ଚାଷୀ ସମାବେଶକୁ ଲକ୍ଷ୍ମୀ ବସ୍‌ରେ ଶହ ଶହ ସଂଖ୍ୟାରେ ଲୋକମାନେ ଆସୁଥିବାର ଦେଖାଯାଇଥିଲା। ଲୋକମାନେ କହୁଥିଲେ ଏହି ବସ୍ ଥିଲେ ଆମେ ସବୁ ଜାଗାକୁ ସୁବିଧାରେ ଯିବାଆସିବା କରି ପାରୁଛୁ। ଆଜି ସମାବେଶକୁ ଏତେ ସଂଖ୍ୟାରେ ଲକ୍ଷ୍ମୀ ବସ୍ ଦେଖି ସମସ୍ତେ ନିଜ ନିଜ ଭିତରେ କଥାବାର୍ତ୍ତା ହୋଇ ପୂର୍ବତନ ସରକାରଙ୍କୁ ମନେ ପକାଉଥିବାର ଦେଖାଯାଇଥିଲା।

## କୁଆଡ଼େ ଗଲା କୋଶଳ ରାଜ୍ୟ ପ୍ରତିଶ୍ରୁତି

**ବରଗଡ଼:** ସୋହେଲା ଇଛାପାଲି ପଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କ ଚାଷୀ ସମାବେଶ ଚାଲିଥିଲା। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣୁଥିଲେ। ଇନ୍‌ପୁଟ ସବ୍‌ସିଡି ଘୋଷଣା ସମୟରେ ଷ୍ଟେଜ ଆଗରେ ବସିଥିବା କିଛି ଯୁବକ ହଠାତ୍ ଉଠି ପଡ଼ିଥିଲେ। ହାତରେ ପ୍ଲା କାର୍ଡ ଧରି ଜୋର୍‌ଜୋର୍‌ରେ ଜୟ କୋଶଳ, ଆମକୁ କୋଶଳ ରାଜ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିଲେ କୁଆଡ଼େ ଗଲା। ଆମର ଦାବି ପୂରଣ କର ବୋଲି ସ୍ଲୋଗାନ ଦେଇଥିଲେ। କିଛି ସମୟ ପାଇ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବନ୍ଦ ହୋଇଯାଇଥିଲା। ପରେ ସମସ୍ତଙ୍କୁ ପୁଲିସ କର୍ମଚାରୀ ଆସି ସଭାସ୍ଥଳରୁ ନେଇ ଯାଇଥିଲେ।

## ଜିଲ୍ଲା ପ୍ରଶାସନ ସହଯୋଗରେ କାର୍ଯ୍ୟକ୍ରମ ସଫଳ

ବରଗଡ଼: ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋହେଲା ଇଛାପାଲିରେ ମୁଖ୍ୟମନ୍ତ୍ରୀଙ୍କ ଚାଷୀ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ପଦ୍ମପୁର ଉପ ଜିଲ୍ଲାପାଳ ଆରଗୁଲା ସ୍ନେହ, ପଦ୍ମପୁର ଏଡିଏମ୍ କୁନାଲ ମୋତିରାମ ଚୌହାନ, ବରଗଡ଼ ଏସପି ପ୍ରହଲ୍ଲାଦ ମୀନା, ଆଇଜି ହିମାଂଶୁ ଲାଲ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ବରଗଡ଼ ଅତିରିକ୍ତ ଏସ୍‌ପି ତପନ ମହାନ୍ତିଙ୍କ ସମେତ ସମସ୍ତ ସରକାରୀ ଅଧିକାରୀ ଦିନ ରାତି ଏକ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ‘ମୁଖ୍ୟମନ୍ତ୍ରୀ ଯେଉଁ କଥା କହିଲେ ସମ୍ପୂର୍ଣ୍ଣ ମିଛ’

ବରଗଡ଼: ସୋହେଲା ଇଛାପାଲିରେ ଆୟୋଜିତ ସମାବେଶରେ ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି ସମ୍ପୂର୍ଣ୍ଣ ମିଛ। ଏବେ ଦଲାଲ ମୁକ୍ତ ନୁହେଁ ମଣ୍ଡି ବ୍ୟବସ୍ଥା ଏବଂ କଟନିଛଟନି ନଦେଲେ ମଣ୍ଡିରୁ ଧାନ ଉଠୁନାହିଁ। କାହାକୁ ଜେଲ ପଠାଇବେ ଯେଉଁଠି ମେସିନ ନାଁରେ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ନିଜେ ଡରାଉଛନ୍ତି। ଫଳସ୍ୱରୂପ ଚାଷୀମାନେ ମଣ୍ଡିକୁ ଧାନ ନ ଆଣି ଖୋଲା ବଜାରରେ କମ ମୂଲ୍ୟରେ ଧାନ ବିକ୍ରି କରୁଛନ୍ତି। ମଣ୍ଡି ପରିଚାଳନା ପାଇଁ ବସ୍ତା, ଲେବର ଏବଂ ପରିବହନ ଖର୍ଚ୍ଚ ରାଇସ ମିଲ ବହନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ହେଲେ, ଚାଷୀଙ୍କୁ ଖୋଟ ବସ୍ତାରେ ଧାନ ଆଣିବା ପାଇଁ ଆର୍‌ଏମସି ଇସ୍ତାହାର ଦେଇ ଚାଷୀମାନଙ୍କୁ



ବସ୍ତା ମିଳିବ ନାହିଁ ବୋଲି କହୁଛନ୍ତି। ବର୍ତ୍ତମାନ ଯେତେ ଧାନ କିଣା ହୋଇଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। କ୍ୟୁଣ୍ଟାଲ ପ୍ରତି କେତେ କେଜି କଟା ଯାଇଛି ଜଣାପଡ଼ିବ ଏବଂ କାହା ନିର୍ଦ୍ଦେଶରେ ହେଉଛି ଧରାପଡ଼ିବ। ଏସବୁ ବିଷୟରେ ଖୁବ୍ ସୁନ୍ଦର୍ ଭାବରେ ଚାଲିଛି ବୋଲି ଯେଉଁଭଳି ଭାବରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଲେ ତାହା ସମ୍ପୂର୍ଣ୍ଣ ମିଛ କହୁଛନ୍ତି ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ନିଜେ ମଣ୍ଡିକୁ ଥରେ ପ୍ରତିନିଧି ମଣ୍ଡଳ ସହ ଆସି ତଦନ୍ତ କଲେ ପୁରା ସତ୍ୟ କଣ ଜାଣି ପାରିବେ। ଆଜି ଯାହା କିଛି ବି ଭାଷଣ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ମିଛ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଶିଶୁମନ୍ଦିରରେ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା



**ଅତାବିରା, ୮।୧୨(ସମିସ):** ଅତାବିରା ବ୍ଲକ ଅଧୀନ କାଦୋବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଏବିଇଓ ତପନ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାଦୋବାହାଲ ମାର୍କେଟ ଇନ୍‌ଚାର୍ଜ ଅଜୟ ବେହେରା, ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଗୁଲି ରାଜୁ, ଯୋଗେଶ୍ୱରୀ ଅମାତ, ସମାଜସେବୀ ଜୟଦେବ ମେହେର ପ୍ରମୁଖ ଯୋଗଦେଇଥିଲେ। ଏବିଇଓ ଓ ସିଆରସିସି ତ୍ରିଲୋଚନ ସେଠ କାର୍ଯ୍ୟକ୍ରମଟିକୁ ଆରମ୍ଭ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ସଭାପତି ପ୍ରଧାନଆଚାର୍ଯ୍ୟ ସୁକାନ୍ତି ସିଂ ସଭା ପରିଚାଳନା କରିଥିଲେ। ଶିଖାରାଣୀ ଭୋଏ, ରୀତାଞ୍ଜଳୀ ସିଂ, ରସ୍ମିତା ମହାପାତ୍ର, ମଧୁମିତା ମହାକୁର, ମାନସୀ ଦୀପ ଓ ରୁମକି ଭୋଏ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନୂଆଁଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାୟନ୍ସ କ୍ଲବ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



**ଅତାବିରା, ୮।୧୨(ସମିସ):** ଗୋଡ଼ଭଗା ଲାୟନ୍ସ କ୍ଲବ ସହାୟତାରେ ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ସ୍ଥାନୀୟ ସମଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୬୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୫୦ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ନିଆଯାଇଥିବା ବେଳେ ୮୨ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ତ୍ରିଲୋଚନ ନେତ୍ରାଳୟର ଡା. ରାକେଶ ରାଉତ, ସମନ୍ତ ଭେଇ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିବା ବେଳେ ଲାୟନ୍ସ କ୍ଲବର ଦେବଦତ୍ତ ରଥ, ସତିଶ ରଥ, ବେଦବ୍ୟାସ ସେଠ, ପ୍ରଦୀପ କର୍ଣ୍ଣ, ଚିତ୍ତରଞ୍ଜନ ସାହୁ, ଅଜୟ ବାଙ୍କା, ବିର୍ଜେଶ ମିତ୍ତଲ, ସାଇ ଆନନ୍ଦ ବିଶ୍ୱାଳ, ସୁବର୍ଣ୍ଣ ମେହେର, ବୀରେନ୍ଦର ଅଦାବର, ପ୍ରମେରାଜ ପ୍ରଧାନ ଓ ସୁଧୀର ଦାଶ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରରେ କନ୍ୟା ଶିବିର




ବରଗଡ଼, ୮।୧୨(ସମିସ): ରବିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଷ୍ଟମ ନବମ ଓ ଦଶମ ଶ୍ରେଣୀର ଭଉଣୀଙ୍କୁ ନେଇ କନ୍ୟା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିବାନୀ ଲାଲ୍ ଯୋଗଦେଇଥିଲେ। କିଶୋର ଅବସ୍ଥାର ଶାରୀରିକ ବ୍ୟାୟମ, ଖାଦ୍ୟପେୟରେ ବିଷୟରେ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବଷୟ ଥିଲା କିଶୋର ଅବସ୍ଥାରେ ଭଉଣୀଙ୍କର ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିବା। ପ୍ରାତଃସ୍ମରଣ, ଶାରୀରିକ, ବନ୍ଦନା, ଖେଳ ପ୍ରଦର୍ଶନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ତନୁଜା ପାଢ଼ୀ ଗୁରୁମା, କନ୍ୟା ଭାରତୀର ପ୍ରମୁଖା ଗୀତାଞ୍ଜଳୀ ସାହୁ ଗୁରୁମା ଓ କଳ୍ପନା ଦାଶ ଗୁରୁମାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଷ୍ଟମ ଶ୍ରେଣୀର ଝୋଟି, ନବମ ଶ୍ରେଣୀର ବାଟି ଚାମଚ, ଦଶମ ଶ୍ରେଣୀର ଭାରସାମ୍ୟ ରକ୍ଷା ଖେଳ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସର ମୁଖରିତ ହୋଇ ଉଠିଥିଲା। ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା।

## ମହାସମାରୋହରେ କୁରାଳ ପୂଜା ପାଳିତ



**ବିଜେପୁର, ୮।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ କୁରାଲ ପୂଜା ସମାରୋହରେ ଅନୁଷ୍ଠିତ ହେଉଛି। ସୃଷ୍ଟି ସର୍ଜନା କରିବା ପରେ ବ୍ରହ୍ମା ଖାଦ୍ୟ ରନ୍ଧନ ନିମନ୍ତେ ମାଟି ହାଣ୍ଡି ନିର୍ମାଣ ପାଇଁ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ସୃଷ୍ଟି କଲେ। ଫଳରେ କୁମ୍ଭକାର ସମ୍ପ୍ରଦାୟ ଭାଇମାନେ ନୀତି ନିଷ୍ଠା ସହିତ ତାଙ୍କର ଇଷ୍ଟ ଦେବତା କୁରାଲ ଭଗବାନ ବିଷ୍ଣୁଙ୍କୁ ଆରାଧନା କରୁଛନ୍ତି। ଅଷ୍ଟଚକ୍ର ଓ ସପ୍ତକଳସ ଆଦିକୁ ପୂଜା କରାଯାଉଛି। ବ୍ଲକର କେତେକ ଗ୍ରାମରେ ମୃଣ୍ମୟୀ ପୂଜା ସମାରୋହରେ ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ଗ୍ରାମର କୁମ୍ଭକାରମାନେ ମାର୍ଗଶିର ଶୁକ୍ଳପଞ୍ଚମୀ ଦିନ ମାଟି ଚକକୁ ପୂଜାର୍ଚ୍ଚନା କରିଛନ୍ତି। ତାଲପଦର ଗ୍ରାମରେ ଅନୁଷ୍ଠିତ ହେଉଥିବା ଏହି ପୂଜାରେ ପ୍ରଦୀପ ରଣା ପୂଜାର କର୍ତ୍ତା ରହିଥିବା ବେଳେ ପଣ୍ଡିତ ନେପାଳ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ମୁଣ୍ଡୋମହୁଲ ଗ୍ରାମରେ ଅନୁଷ୍ଠିତ ଏହି ପୂଜାରେ ଭବେଶ ରଣା ଓ ଗୌରୀ ରଣା କର୍ତ୍ତା ରହିଥିବା ବେଳେ ପଣ୍ଡିତ ପୀତବାସ ମିଶ୍ର ଓ କେଶବ(ଲାଦୁ) ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ନେପାଳ ରଣା, ଲିଙ୍ଗ ରଣା, ଗଣେଶ ରଣା, ଗୁଣ ରଣା, ପ୍ରଫୁଲ୍ଲ ରଣା, ଚିନ୍ତାମଣି ରଣା, ରବି ରଣାଙ୍କ ସହିତ ପୂଜା କମିଟି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ଅନୁରୂପ ଭାବରେ ଝାଲପାଲି ଗ୍ରାମରେ ଅନୁଷ୍ଠିତ ପୂଜା ମହୋତ୍ସବରେ ରମେଶ ରଣା ଓ ମମତା ରଣା କର୍ତ୍ତା ରହିଥିବା ବେଳେ ପଣ୍ଡିତ ନରେନ୍ଦ୍ର ହୋତା ପୂଜାର୍ଚ୍ଚନା କରୁଛନ୍ତି। ଭଗତ ରଣା, ଗୌତମ ରଣା, ପ୍ରଦୀପ ରଣା, ଆର୍ତ୍ତତ୍ରାଣ ରଣାଙ୍କ ସମେତ ପୂଜାକମିଟି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ତ୍ରିଦିନାତ୍ମକ ଏହି ପୂଜା ମହୋତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଦୋଳି, ମୀନା ବଜାର, ଖାଦ୍ୟ ପସରା ଆଦିରେ ଦର୍ଶକ ମଜା ନେଉଛନ୍ତି। ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଘର ଭିତରକୁ ମାଡ଼ିଗଲା କଣ୍ଟେନର; ଜଣେ ମୃତ

ବରଗଡ଼, ୮।୧୨(ସମିସ): ବରଗଡ଼ ସଦର ଥାନା ତୁରୁଙ୍ଗା ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୋଟିଏ କଣ୍ଟେନର ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଘର ଭିତରକୁ ପଶିଯିବାରୁ ମାଆର ମୃତ୍ୟୁ ଘଟିଥିବା ବେଳେ ପୁଅ ଆହତ ହୋଇଥିବା ପ୍ରାଥମିକ ସୂଚନା ରହିଛି। ଘଟଣାସ୍ଥଳକୁ ବରଗଡ଼ ସଦର ଥାନା ଅଧିକାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଗାଡ଼ିର ଚାଳକ ପ୍ରଚୁର ମଦ ପିଇ ଗାଡ଼ି ଚଳାଉ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ମାନେ ମତପ୍ରକାଶ କରିଛନ୍ତି। ଗୋଟିଏ ମାସ ମଧରେ ଏହି ଜାଗାରେ ତିନୋଟି ଦୁର୍ଘଟଣା ଘଟି ସାରିଲାଣି। ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଘର ଭିତରକୁ ଗାଡ଼ି ପଶି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଆହତଙ୍କୁ ବରଗଡ଼ ସରକାରୀ ଡାକ୍ତରଖାନାକୁ ନିଆଯାଇଥିବା ସୂଚନା ମିଳିଛି।

### ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ୍ ଓ କ୍ରିଷ୍ଣା ବିକାଶ ଗ୍ରୁପ୍ ପକ୍ଷରୁ ନବାକାଂକ୍ଷା କାର୍ଯ୍ୟକ୍ରମ

## ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼, ୮।୧୨(ସମିସ):



ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ୍ ଏବଂ କ୍ରିଷ୍ଣା ବିକାଶ ଗ୍ରୁପ୍, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ବରଗଡ଼ର ମିଳିତ ଆନୁକୂଲ୍ୟରେ ରାଉରକେଲାସ୍ଥିତ ଭଞ୍ଜଭବନରେ ‘ନବାକାଂକ୍ଷା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ୟାରିୟର୍ କାଉନ୍‌ସେଲିଂ ତଥା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଏବଂ ସିବିଏସ୍‌ଇ ଓ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଏବଂ ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଉରକେଲାର ଅନେକ ସୁନାମଧନ୍ୟ ବ୍ୟକ୍ତିତ୍ୱଙ୍କୁ ମଧ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲାର ୩୧ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ତଥା ସିବିଏସ୍‌ଇ ସ୍କୁଲ୍‌ର ୫୫୦ରୁ ଅଧିକ ଛାତ୍ରଛାତ୍ରୀ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ପ୍ରଥମ ଅଧିବେସନରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳଙ୍କ ଅଧକ୍ଷତାରେ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦ୍ୱିତୀୟ ଅଧିବେସନରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଓ ମୂରଲୀ କ୍ରିଷ୍ଣା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଚେୟାର୍‌ମେନ୍ ଡି.ମୁରଲୀ କ୍ରିଷ୍ଣା, କ୍ରିଷ୍ଣା ବିକାଶର ପୂର୍ବବର୍ଷର ଉଚ୍ଚ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ମା’ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଚେୟାର୍‌ମେନ୍ କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଛାତ୍ରଛାତ୍ରୀଙ୍କୁ ମତବ୍ୟକ୍ତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧକ୍ଷ ଚିତ୍ତରଞ୍ଜନ ପତି ବିକାଶ ଆବାସିକ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ସ ଏବଂ କୋ-କରିକୁଲାର୍ ଏକ୍ଟିଭିଟିଜ୍‌ରେ ଗତ ୩ ବର୍ଷର ଉଚ୍ଚମାନର ଫଳାଫଳର ବିବରଣୀ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ଛାତ୍ରଛାତ୍ରୀଙ୍କୁ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବରୁଣ ସୋମରାଇ, ରବି ବଗରିଆ, ସନ୍ତୋଷ ଅଗ୍ରୱାଲ, ନରେଶ ଅଗ୍ରୱାଲ, ଅରବିନ୍ଦ କେଡ଼ିଆ, ବିନିତ ଗୋୟଲ, ରାଜେନ୍ଦ୍ର ପଣ୍ଡା ଓ ସମସ୍ତ ସାମ୍ବାଦିକ ଅତିଥି ଭାବରେ ଯୋଗଦେଇଥିଲେ ଏବଂ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କ୍ୱିଜ୍ ଓ ନୃତ୍ୟ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତି ଶିକ୍ଷାନୁଷ୍ଠାନର ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମସ୍ତ ସିବିଏସ୍‌ଇ ସ୍କୁଲର ଅଧକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍କୁଲ୍ ଲିଡର୍ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ଲୋବାଲ ସ୍କୁଲର ଅଧକ୍ଷ ଡ଼. ମନୋଜ କୁମାର ତ୍ରୀପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଙ୍ଗ ଡାଇରେକ୍ଟର ବିବେକ ଦସାରୀ, ଟ୍ରଷ୍ଟି ରାମା ତୁଳସୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପଏଁରୀର ରୌପ୍ୟ ଜୟନ୍ତୀ ସମାରୋହ



ସୋନପୁର, ୮।୧୨(ସମିସ): ଉଲୁଣ୍ଡା ବ୍ଲକର ହିକୁଡି ଗ୍ରାମରେ ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ବ୍ଲକସ୍ତରୀୟ ପଏଁରୀ ତିହାର ଧୁମାଧାମରେ ପାଳନ କରାଯାଇଛି। ଉଲୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି ଶ୍ୟାମସୁନ୍ଦର ସୁନାଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା ଅନୁଷ୍ଠିତ ହୋଇଥିଲା। ଗାଁଗାଁରେ ଲୁଚି ଯାଉଥିବା ଲୋକକଳା ଓ କଳାକାରଙ୍କୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ପଏଁରୀ ତିହାର ମଞ୍ଚରେ ସ୍ଥାନ ଦେଇ ତାଙ୍କର କଳା ପରିବେଷଣ କରି ଉତ୍ସାହିତ କରିବା ହେଉଛି ଏହି ତିହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ସମ୍ପାଦକ ତଥା ଲୋକକଳା ଗବେଷକ ଚୌଧୁରୀ ବିଭାର ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ହରିହର କର୍ଣ୍ଣ, ସଭାପତି ଲଡୁକିଶୋର ମଲ୍ଲିକ, ପୂର୍ବତନ ସରପଞ୍ଚ ରଞ୍ଜିତା ଭୋଇ, ଦଣ୍ଡରତ୍ନ ବିପିନ ଜାଲ, ବାସନ୍ତୀ ମହାନନ୍ଦ, ଆମ୍ବେଦକର ସେବା ସଭ୍ୟ, ଉପସଭାପତି ପ୍ରଫୁଲ୍ଲ ନାଏକ, ସହ-ସମ୍ପାଦକ ପୃଥ୍ୱୀରାଜ ବାଗ, କାର୍ଯ୍ୟକାରୀ ସଭ୍ୟ ସୌମ୍ୟରଞ୍ଜନ ସେଠି, ବରିଷ୍ଠ ସଦସ୍ୟ ଗୋପାଳ ମେହେର ଉପସ୍ଥିତ ଥିଲେ। ଅନୁଷ୍ଠାନର ତରଫରୁ ଶ୍ୟାମସୁନ୍ଦର ସୁନାଙ୍କୁ 'ପଏଁରୀ କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅବସରରେ ଅତିଥିଙ୍କ ଦ୍ୱାର ପଏଁରୀ ତିହାରର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଏହି ତିହାରରେ ବ୍ଲକର ଶତାଧିକ କଳାକାର ସାମିଲ ହୋଇ ଲୁଚି ଯାଇଥିବା କଳା ଶୋଳ ସୁଆଙ୍ଗ ଦଣ୍ଡ ନୃତ୍ୟ, ସଞ୍ଚାର, ସମ୍ପ୍ରଦା, ଖଞ୍ଜଣୀ, କରମସାନି, ପ୍ରଭା ନୃତ୍ୟ, ନଚନିଆଁ, ଶବର ଶବରନି, ପତର ସଉରା, ଝୁମେର, ରାସକେଳି ଓ କୀର୍ତ୍ତନ ନୃତ୍ୟ ଆଦି ସୁନ୍ଦର ଭାବରେ ପରିବେଷଣ କରିଥିଲେ।

## ତ୍ରି-ଦିବସୀୟ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ଶିବିର ଉଦ୍ଯାପିତ

# ସମାଜସେବା ପାଇଁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ



ସୌଭାଗ୍ୟବତୀ ପ୍ରଧାନ ଓ ସ୍ମୃତିରେଖା ପ୍ରଧାନ ଶ୍ରେଷ୍ଠ ସ୍ୱେଚ୍ଛାସେବୀ

ବୌଦ୍ଧ, ୮।୧୨(ସମିସ): ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ତ୍ରି-ଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସରୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଆବାହକ ସମ୍ପାଦକ ଡ. ପ୍ରବୀର ଦାସ ଓ କଳାହାଣ୍ଡି ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଶାନ୍ତନୁ ପରିଡ଼ା ଯୋଗ ଦେଇଥିଲେ। ଯୁବ ରେଡକ୍ରସର ମହନୀୟ ନୀତି ଓ ଆଦର୍ଶ ମାନବ ଜୀବନର ବ୍ରତ ହେବା ଉଚିତ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ସମାଜସେବା ପାଇଁ ଆଗେଇ ଆସିବାକୁ ଯୁବ-ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ବୌଦ୍ଧ ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ସୁରେଶ୍ୱର ଯୋଶୀ ଶିବିର ସଫଳତାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିବା ସହିତ ଶିବିରର ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା ଆବାହକ ସମ୍ପାଦକ ତ୍ରିନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ଉତ୍ତମ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିବିରର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସୌଭାଗ୍ୟବତୀ ପ୍ରଧାନ ଓ ସ୍ମୃତିରେଖା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିରରେ ପ୍ରଶଂସନୀୟ ସହାୟତା ପାଇଁ ଆୟୋଜକ ମହାବିଦ୍ୟାଳୟର କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଯୁବ ରେଡକ୍ରସରେ ୨୫ ବର୍ଷ ଧରି ସେବା ପାଇଁ ଅଧ୍ୟାପକ ଡ. ପ୍ରବୀର ଦାସଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ତ୍ରି-ଦିବସୀୟ ଶିବିରରେ ରେଡକ୍ରସର ଇତିହାସ, ବିକାଶ ଓ ମୌଳିକ ନୀତି ବିଷୟରେ ଡ. ପ୍ରବୀର ଦାସ, ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷକ ଅଶୋକ ପାଣ୍ଡିଆ, ବିପର୍ଯ୍ୟୟ ପରିଚାଳନା ଓ ଅଗ୍ନି ନିରାପତ୍ତା ବିଷୟରେ ଜିଲ୍ଲା ଜରୁରୀ କାଳୀନ ବିଭଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ଝା, ସାଇବର ନିରାପତ୍ତା ବିଷୟରେ ମନମୁଣ୍ଡା ଥାନା ଅଧିକାରୀ ତରୁଣ ତପନ ବେହେରା, ସଡ଼କ ସୁରକ୍ଷା ସଚେତନତା ବିଷୟରେ ମୋଟର ଯାନ ଅଧିକାରୀ ଗୋଲାପ ଚାନ୍ଦ ହାଁସଦା, ମହିଳା ସଶକ୍ତିକରଣ ବିଷୟରେ ଶିଶୁ ମଙ୍ଗଳ ଅଧିକାରୀ ୱାହିଦା ଫାତିମା, ଏଡ୍ସ ନିରାକରଣ ବିଷୟରେ ସମନ୍ୱିତ ପରାମର୍ଶ କେନ୍ଦ୍ରର ପରିଚାଳକ ବନୋଜ ପ୍ରଧାନ, ରକ୍ତଦାନର ଆବଶ୍ୟକତା ଓ ମହତ୍ତ୍ୱ ବିଷୟରେ ଶାନ୍ତନୁ ପରିଡ଼ା, ଯୋଗ ଓ ପ୍ରାଣାୟାମ ବିଷୟରେ ଯୋଗ ପ୍ରଶିକ୍ଷକ ଦେବାଶିଷ ପୁରୋହିତ ଶିକ୍ଷା ତଥା ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ବୌଦ୍ଧ ଜିଲ୍ଲାର ୨୪ଟି ମହାବିଦ୍ୟାଳୟରୁ ୧୨୦ଜଣ ସ୍ୱେଚ୍ଛାସେବୀ ଓ ପରାମର୍ଶଦାତା ଅଂଶ ଗ୍ରହଣ କରିଥିଲେ।

# ଲକ୍ଷ୍ୟଠାରୁ ଦୂରରେ ଗାଁ କଲ୍ୟାଣ ସମିତି



● ସୁଧୁରୁନି ପରିମଳ ବ୍ୟବସ୍ଥା

**ସୁବଳୟା, ୮।୧୨(ସମିସ):** ଗାଁ ପରିବେଶ ସୁସ୍ଥ ରହିଲେ ପଞ୍ଚାୟତ ସୁସ୍ଥ ରହିବ। ପଞ୍ଚାୟତ ସୁସ୍ଥ ରହିଲେ ରାଜ୍ୟ ସୁସ୍ଥ ରହିବ। ଏହି ଲକ୍ଷ୍ୟ ନେଇ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଗାଁ କଲ୍ୟାଣ ସମିତି ଭଳି ମହତ୍ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଗାଁର ସ୍ୱାସ୍ଥ୍ୟ, ପରିମଳ, ଅପପୁଷ୍ଟି, ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁହାରରେ ବ୍ରେକ ଲଗାଇବା ଯୋଜନାର ମୁଖ୍ୟ ଲକ୍ଷ୍ୟ। କିନ୍ତୁ ସଚେତନତା ଅଭାବରୁ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ଗାଁ କଲ୍ୟାଣ ସମିତି ଲକ୍ଷ୍ୟ ଠାରୁ ଦୂରେଇ ଯାଇଛି। ଗାଁ କଲ୍ୟାଣ ପାଇଁ ଗଠନ ହୋଇଥିବା ସମିତି ନିଜର ନୈତିକ ଦାଇତ୍ୱକୁ ସଠିକ ଢଙ୍ଗରେ କାର୍ଯ୍ୟ କରିବାରେ ବିଫଳ ହୋଇଛି। ଏପରି ସ୍ଥିତିରେ ଏହି ପାଣ୍ଠି କେଉଁ କାମରେ ଲାଗୁଛି ତା'ର ସବିଶେଷ ଯାଞ୍ଚ ହେବା ଆବଶ୍ୟକ।୨୦୦୯-୧୦ ରେ ଗାଁ କଲ୍ୟାଣ ସମିତି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ନେଇ ଗୋଟିଏ ଗାଁ କଲ୍ୟାଣ ସମିତି ଗଠନ କରାଗଲା। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଗଲା। ବୀରମହାରାଜପୁର ବ୍ଲକରେ ପ୍ରତ୍ୟେକ ଗ୍ରାମରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଗାଁର ସ୍ୱାସ୍ଥ୍ୟ, ପରିମଳ, ଅପପୁଷ୍ଟି, ଶିଶୁ ଏବଂ ମାତୃ ମୃତ୍ୟୁହାର ହ୍ରାସ ଦିଗରେ ସମିତିକୁ ସଚେତନତା ପରେ ମଧ୍ୟ ଏହା ଲକ୍ଷ୍ୟ ଠାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବର୍ଷା ଦିନ ପୂର୍ବରୁ ଗ୍ରାମର ଅସ୍ୱାସ୍ଥ୍ୟକର ପରିବେଶ ସୁଧାର ଆସୁନଥିବା ଦେଖିବାକୁ ମିଳିଛି। ୱାର୍ଡସଭ୍ୟଙ୍କୁ ସମିତିର ସଭାପତି ଏବଂ ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଗାଁର ସ୍ୱାସ୍ଥ୍ୟ ପ୍ଲାନ, ରୋଗୀଙ୍କୁ ମେଡିକାଲ ପହଞ୍ଚାଇବା, ଜରୁରୀ ସ୍ୱାସ୍ଥ୍ୟ ସେବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଦିଗରେ କମିଟି ପକ୍ଷରୁ ବ୍ୟାପକ ସଚେତନତା କରାଯିବାକୁ ଲକ୍ଷ୍ୟ ରହିଛି। ପ୍ରତିମାସରେ ବୈଠକ ରହିଥିବା ବେଳେ କେବଳ କାଗଜପତ୍ରରେ ଚାଲିଛି। ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ଜୁନାଗଡ଼ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଭବାନୀପାଟଣା, ୮ ।୧୨ (ସମିସ): କଳାହାଣ୍ଡି ଜିଲ୍ଲା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଏହି କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାମନ୍ତଙ୍କ ଅଧ୍ୟକ୍ଷତାରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ମେହେର ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷକ ଲକ୍ଷ୍ମୀଧର ବୋଡକିଆ, ରଞ୍ଜୁବାଳା ରଥ, ଅଜିତ ସତନାମି, ରାଜୁକାନ୍ତ ସାହୁ, ଶଙ୍କରା ଭୋଇ, ଲୋପାମୁଦ୍ରା ମହାନ୍ତି, ବିନୋଦିନି ବେହେରା, ସ୍ୱର୍ଣ୍ଣପ୍ରଭା ସାହୁ, ବିଭୂତି ନାଏକ, ପ୍ରଜ୍ଞାପ୍ରଭା ପ୍ରଧାନ, ଝରଣା ଦୁର୍ଗା, ତିଳୋତ୍ତମା ନାଏକ, ରତ୍ନମାଳା କର, ହରିପ୍ରିୟା ଭୋଇ, ଜୟନ୍ତୀ ଶବର, ପୁଷ୍ପାଞ୍ଜଳି ଶବର, ପୁଷ୍ପା ମହାର, ମୁକ୍ତା ମାଝୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଆଶୁତୋଷ ସାହୁ, ବିଜୟ ନାଏକ, ସୁଶାନ୍ତ ଦଳେଇ ଖେଳ ପରିଚାଳନା କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ଘନଶ୍ୟାମ ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିଲେ।

# ପେନସନ୍‌ଭୋଗୀ କଳାକାରଙ୍କ ମହା ସମାବେଶ



**ଭବାନୀପାଟଣା, ୮ ।୧୨ (ସମିସ):** ମହାବୀର ସାଂସ୍କୃତିକ ଅନୁଷ୍ଠାନରେ କଳାହାଣ୍ଡି କଳାକାର ପେନସନଭୋଗୀଙ୍କ ମହା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ସଂଗଠକ ଜୟନ୍ତ ବେହେରା ଓ ଭବାନୀପାଟଣା ନଗରପାଳ ବିଷ୍ଣୁ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସଭାପତି ନାଟ୍ୟ ଭୂଷଣ ପ୍ରଦୀପ ଡି. ମାଝୀଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କଳାକାରମାନଙ୍କୁ ମିଳୁଥିବା ଭତ୍ତା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରିବା, ବର୍ତ୍ତମାନ ପାଉଥିବା ଭତ୍ତା ୨ହଜାର ଟଙ୍କାକୁ ୬କୁ ବୃଦ୍ଧି, ସଂଘ ପାଇଁ ସଦର ମହକୁମାରେ ଜାଗାଟିଏ ଦେବା, କଳାକାରଙ୍କୁ ଦୁର୍ଘଟଣା ଜନିତ ବୀମା ଦେବା, ସଂଘ ତରଫରୁ ଜୀବିତ ପ୍ରମାଣ ପତ୍ର ଦିଆଯିବା ନେଇ ଆଲୋଚନା ହୋଇଥିଲା। ସମ୍ପାଦକ ତୀର୍ଥରାଜ ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବୀରମହାରାଜପୁର, ୮ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପକଣ୍ଠ ବାଗବର ପଞ୍ଚାୟତର ଭାଲିଆପଦର ଗ୍ରାମରେ ମା 'ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଦ୍ୱିତୀୟ ଦିବସ। ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡାବିତ ନିରୋଦ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭ ମ୍ୟାଚ୍ ଜାମ୍‌ପାଲି ଓ କମଳପୁର ଦଳ ମଧ୍ୟରେ ହୋଇଥିଲା। ଏଥିରେ କମଳପୁର ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଡିକୁଡା ଓ ଡାଲ୍‌ଡବା ମଧ୍ୟରେ ହୋଇଥିଲା। ଏଥିରେ ଡିକୁଡା ଦଳ ବିଜୟୀ ହୋଇଥିଲା। ତୃତୀୟ ବା କ୍ୱାଟର ଫାଇନାଲ ମ୍ୟାଚ୍ ପ୍ରଥମ ମ୍ୟାଚ୍‌ର ବିଜେତା କମଳପୁର ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ଡିକୁଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଡିକୁଡା ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଗୁଡିକରେ ରାଜକୁମାର କର୍ଣ୍ଣ, ଅରବିନ୍ଦ ଦେହୁରୀ, ଅଭିଷେକ ପଣ୍ଡା, ରିଙ୍କୁ ହାତୀ ଆମ୍ପାୟାର ଥିବାବେଳେ ରାହୁଲ ଚାନ୍ଦ ସ୍କୋରିଂ ଏବଂ ଧୂମକେତୁ ମେହେର ଧାରାବିବରଣୀ ପ୍ରଦାନ କରିଥିଲେ।



● ସେମିଫାଇନାଲରେ ଡିକୁଡ଼ା

# ଜିଲ୍ଲା କ୍ରିକେଟ୍ ଆସୋସିଏସନ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବୌଦ୍ଧ, ୮ ।୧୨(ସମିସ):** ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଜିଲ୍ଲା କ୍ରିକେଟ୍ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ଉପ ସଭାପତି ଲମ୍ବୋଦର ପୁରୋହିତ ମଞ୍ଚାସୀନ ଥିଲେ। ସମ୍ପାଦକ ଯୁଗଳ କିଶୋର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଦସ୍ୟ, ଖେଳାଳି ଓ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ।

# ଯୁବ ଉଦ୍ୟୋଗୀ ବିକାଶ ରଥର ଶୁଭାରମ୍ଭ



**ଭବାନୀପାଟଣା, ୮ ।୧୨ (ସମିସ):** ସ୍ଥାନୀୟ ଅମଲା ଭବନରେ ଭାରତୀୟ ଯୁବ ଶକ୍ତି ଟ୍ରଷ୍ଟ ତରଫରୁ ଯୁବ ଉଦ୍ୟୋଗୀ ବିକାଶ ରଥର ଶୁଭାରମ୍ଭ କରାଯାଇଛି। ଏସବିଆଇ-ଆରସେଟିର ନିର୍ଦ୍ଦେଶକ ପ୍ରମୋଦ ତାଣ୍ଡି, ନାବାର୍ଡ ଡିଡ଼ିଏମ ମହେଶ୍ୱର ଦାସ, ଜିଲ୍ଲା ନିୟୋଜନ ଅଧିକାରୀ ଅଜିତ ଉତ୍ତରାୟ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମଧୁଲିକା ସାହୁ ଏବଂ ଭାରତୀୟ ଯୁବ ଶକ୍ତି ଟ୍ରଷ୍ଟର ପ୍ରଦୀପ ପଣ୍ଡା ଉପସ୍ଥିତ ଥିଲେ। ପ୍ରବୀଣ ଲିମା ସଭା ପରିଚାଳନା କରିଥିଲେ। ଏହି ଅବସରରେ କିପରି ବେକାରୀ ସମସ୍ୟା ଦୂର ହେବ, ଯୁବ ଉଦ୍ୟୋଗୀମାନଙ୍କ ଦ୍ୱାରା କିଭଳି ସମାଧାନ କରିହେବ ଓ ବ୍ୟାଙ୍କ ସହାୟତା ଦ୍ୱାରା ଯୁବ ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

# ବେଆଇନ ଗଞ୍ଜେଇ ଚାଷରେ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି

- ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ
- ବନ, ଅବକାରୀ, ପୁଲିସ କର୍ମଚାରୀଙ୍କ ସହଯୋଗ
- ଅସନ୍ତୋଷ ପ୍ରକାଶ କଲେ ବରଗାଁ ପଞ୍ଚାୟତବାସୀ

ଶଗଡ଼ା, ୮।୧୨( ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଉପାନ୍ତ ବରଗାଁ ପଞ୍ଚାୟତ ଅଧୀନ ଜଙ୍ଗଲରେ ବ୍ୟାପକ ଭାବରେ ଗଞ୍ଜେଇ ଚାଷ ହେଉଛି। ଗଞ୍ଜେଇ ଚାଷରେ ବନ ବିଭାଗ କର୍ମଚାରୀ, ଅବକାରୀ ଓ ପୁଲିସ କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି। ସମସ୍ତଙ୍କ ସହଯୋଗରେ ବେଆଇନ ଭାବରେ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ହେଉଛି। ପୂର୍ବରୁ ଏ ନେଇ ପଞ୍ଚାୟତବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ବୌଦ୍ଧ ଜିଲ୍ଲାପାଳ, ଏସ୍‌ପି ଓ ଅବକାରୀ ଅଧିକ୍ଷକଙ୍କ ନିକଟକୁ ଡାକ ମାଧ୍ୟମରେ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରା ଯାଇନି। ଏଣୁ ଲୋକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ବନ ବିଭାଗ, ଅବକାରୀ ବିଭାଗ ଓ ପୁଲିସ୍ କର୍ମଚାରୀ ଲକ୍ଷ ଲକ୍ଷ ଟଙ୍କା ନେଇ ଗଞ୍ଜେଇ ଚାଷୀକୁ ସୁରକ୍ଷା ଯୋଗାଇ ଦେଉଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ବାସ୍ତବରେ ବିଭାଗ ଦେଉଥିବା ଗଞ୍ଜେଇକଟା ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍। ଅଳ୍ପ କିଛି ଗଞ୍ଜେଇ ଗଛ କାଟି ସମ୍ପୂର୍ଣ୍ଣ କଟାଗଲା ବୋଲି ଉପରିସ୍ଥ ଅଧିକାରୀଙ୍କୁ କୁହାଯାଉଛି। ଏବେ ମଧ୍ୟ କୁମେଲ ବନ୍ଧ, ତୁମାଳ ପଖାଳ, କାଣିସିମିଳି, ଲବାରକୋଣୀ, ଉର୍ତ୍ତୁଲା, ବୁଢ଼ା ଖୋଲା, ଗଦଗଦି ପଡ଼ା, ମାତାକୁପା, କନ୍ଧପଡ଼ା, ଡୁଙ୍ଗୁରିପାଲି, ଲେନ୍ଦ୍ରିମାଳ ଆଦି ଅଞ୍ଚଳରେ ବିପୁଳ ପରିମାଣରେ ଗଞ୍ଜେଇ ଚାଷ ହୋଇଛି। ମାତାକୁପା ସଂରକ୍ଷିତ ଜଙ୍ଗଲ, ପୁଟ୍‌ପୁଟି ଗଡ଼ ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲରେ ଗଞ୍ଜେଇ ଚାଷ ହେଉଛି।

# ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ପ୍ରଦାନ କାର୍ଯ୍ୟକ୍ରମ





## ● ସଭାକୁ ବୁହା ହୋଇ ଆସିଲେ ମହିଳା ଓ ଶିଶୁ



ଦେବଗଡ଼, ୮ ।୧୨(ସମିସ):

ଇନ୍‌ଡୋର ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିବା ଏବଂ ଦଳୀୟ ପ୍ରଚାର ଉଦେଶ୍ୟକୁ ଜନସାଧାରଣ ପ୍ରତ୍ୟାଖାନ କରିଥିବା ଦେଖିବାକୁ ମିଳିଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ପୁରା ଇଣ୍ଡୋର ଷ୍ଟାଡିୟମ ପଡ଼ିଆରେ ବିରାଟ ଟେଣ୍ଟ ସହ ବହୁ ସଂଖ୍ୟକ ବସ ଯୋଗେ ସମସ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଲୋକଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ବୁହା ଯାଇଥିଲା । ସଭାସ୍ଥଳକୁ ଆସିଥିବା ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା ।ତେବେ ବୁହା ହୋଇଆସିଥିବା ଗହଳିରେ ଚାଷୀ କମ୍ କିନ୍ତୁ ଏସ୍‌ଏଚ୍‌ଜି ଗୋଷ୍ଠୀ ମହିଳା ଓ ଶିଶୁଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳିଥିଲା । ଜିଲ୍ଲା ପ୍ରଶାସନର ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଭିଭାଷଣର ସିଧା ପ୍ରସାରଣ ପ୍ରଦର୍ଶନ ବେଳେ ଇଭେଣ୍ଟ କମ୍ପାନୀର ଏକ ମାତ୍ର କ୍ୟାମେରା ମ୍ୟାନଙ୍କୁ ଛାଡି ମଞ୍ଚ ଜନ ଶୂନ୍ୟ ହୋଇପଡ଼ିଥିବା ବେଳେ ଖୋଦ ଆୟୋଜକ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସଭାସ୍ଥଳ ଛାଡି ଭୋଜନ ସ୍ଥଳରେ ଥିବା ଦେଖିବାକୁ ମିଳିଥିଲା ।

**ଦେବଗଡ଼** : ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଧାନର ସହାୟତା ମୂଲ୍ୟ ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ ସହାୟତା ପ୍ରଦାନ ଶୁଭାରମ୍ଭର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ, ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ମଞ୍ଚାସିନ ରହି ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ପରେ ବରଗଡ଼ ସୋହେଲା ଠାରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ଇନ୍‌ପୁଟ୍ ସହାୟତା ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା । କାର୍ଯ୍ୟକ୍ରମକୁ କାଳିଆପାଳ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ବେହେରା ଓ ଏକଲବ୍ୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ନନ୍ଦିନୀ ସାହୁ ପରିଚାଳନା କରିଥିଲେ ।

**ଝାରସୁଗୁଡ଼ା** : ବରଗଡ଼ ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ ସହାୟତା ପ୍ରଦାନ ଶୁଭାରମ୍ଭ ପରିପ୍ରେକ୍ଷୀରେ ଝାରସୁଗୁଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରତ୍ୟେକ ଚାଷୀ ଏଣିକି ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ଟଙ୍କା ଉପରେ ୮୦୦ଟଙ୍କାର ଇନ୍‌ପୁଟ୍ ସହାୟତା ପାଇବେ । କୃଷି ଓ କୃଷକ ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ଜିଲ୍ଲାର ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ କରିବ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ଆଶା ବ୍ୟକ୍ତ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଏଆରସିଏସ ଉପସ୍ଥିତ ଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜେନାମଣି ବିଭୂତି ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲକ୍ଷ୍ମୀପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବିଜେପୁର, ୮।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥପଡ଼ା ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ସାର୍ବଜନୀନ ମହାଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋବିନ୍ଦ ବେହେରା ଓ ବିନୋଦିନୀ ବେହେରା ସପତ୍ନିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ଟଙ୍କଧର ସାବତ ପୂଜାର୍ଚ୍ଚନା କରିଥିଲେ । ସଭାପତି ନେତ୍ରାନନ୍ଦ ମେହେର, ଉପ ସଭାପତି ତେଜରାଜ ମେହେର, ସମ୍ପାଦକ ବୀରକିଶୋର ମେହେର, ସହ-ସମ୍ପାଦକ ଅଙ୍କିତ ପଧାନ, କୋଷାଧ୍ୟକ୍ଷ ସାଗର ବେହେରାଙ୍କ ସମେତ ପୂଜା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ହରିବୋଲ ହୁଳହୁଳି ମଧ୍ୟରେ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ ଯେ ଆଗାମୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପୀ ଏହି ଲକ୍ଷ୍ମୀ ପୂଜା ମହୋତ୍ସବ ସମାରୋହରେ ଅନୁଷ୍ଠିତ ହେବ ।

# ଜିଲ୍ଲା ବ୍ରାହ୍ମଣ ସମାଜ ବୈଠକ



**ଇବଥର୍ମାଲ, ୮ ।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ଲଖନପୁର ବ୍ଲକ ତିଲିଆ ପଞ୍ଚାୟତ ଗୁଜାପାହାଡ଼ ଠାରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପୂର୍ବରୁ ବ୍ରାହ୍ମଣ ସମାଜର ଇଷ୍ଟ ପ୍ରଭୁ ପର୍ଶୁରାମଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା ।ପରେ ବରିଷ୍ଠ ସଦସ୍ୟ ଏସ୍ ବିର୍ତିଆଙ୍କ ଦ୍ୱାରା ସମାଜର ଦିବଙ୍ଗତ ସଦସ୍ୟଙ୍କ ଉଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇ ସଭା ଆରମ୍ଭ କରାଯାଇଥିଲା । ବ୍ରାହ୍ମଣ ସମାଜର ସଭାପତି ରବୀନ୍ଦ୍ର ଦିକ୍ଷୀତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମସ୍ତ ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ ।ସମାଜର ବରିଷ୍ଠ ସଦସ୍ୟ ରାଧାମୋହନ ପାଣ୍ଡେ, ହିମାଂଶୁ ମିଶ୍ର, ସିତାରାମ ବିର୍ତିଆ, ତପସ୍ୱିଲାଲ ତିୱାରୀ, ବାଳ ଗୋବିନ୍ଦ ମିଶ୍ର, ଆଦିତ୍ୟ ପୂଜାରୀ ବେଦବ୍ୟାସ ପଣ୍ଡା, ରଘୁନନ୍ଦନ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।ସାଧାରଣ ସମ୍ପାଦକ ହିମାଂଶୁ ବଡପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରଦୀପ ହୋତା ବାର୍ଷିକ ଆୟବ୍ୟୟର ହିସାବ ଦେଇଥିଲେ । ସଭାରେ ରାଜିବ ପାଟଯୋଷୀ, ଡ.ସଞ୍ଜୁକ୍ତା ହୋତା, ଅନ୍ତର୍ଯାମୀ ପାଣିଗ୍ରାହୀ, ରାଜେଶ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ । ସସସ୍ୟମାନେ ମା'ସୂର୍ଯ୍ୟ ଭଟ୍ଟାରିକା ଠାରେ ମନ୍ଦିର କମିଟି ସଭାପତି ସୁବୋଧ ପଣ୍ଡା, ସମ୍ପାଦକ ରଘୁନନ୍ଦନ ପଣ୍ଡା, କୋଷାଧ୍ୟକ୍ଷ ଅମ୍ବିକା ପଣ୍ଡା, ବରିଷ୍ଠ ସଭ୍ୟ ଶିଶିର ପଣ୍ଡା, ଉମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ଆୟୋଜନ କରାଯାଇଥିଲା ।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ




**ଦେବଗଡ଼, ୮ ।୧୨(ସମିସ):** ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୯ ନମ୍ବର ୱାର୍ଡ ନୀଳାବେର୍ଣ୍ଣି ସାହି ସ୍ଥିତ ୪୯ ନମ୍ବର ଜାତୀୟ ରାଜପଥ ବାଇପାସ ଛକକୁ ଆଜି ଠାରୁ ବିଧିବଦ୍ଧ ଭାବେ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରାଯିବା ସହ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି । ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗ ଦେଇ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରି ବାଇପାସ ଛକକୁ ବିର୍ସା ମୁଣ୍ଡାଙ୍କ ନାମରେ ଉତ୍ସର୍ଗ କରିଥିଲେ । ଏହା ପୂର୍ବରୁ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଆଦିବାସୀ ବାଦ୍ୟ ଓ ନୃତ୍ୟ ତାଳେ ତାଳେ ଶୋଭାଯାତ୍ରାରେ ଆସି ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚି ସେଠାରେ ଆଦିବାସୀ ସଂସ୍କୃତିର ଝଲକ ପ୍ରଦର୍ଶିତ କରିଥିଲେ । ପରେ ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥିଭାବେ କାଉନସିଲର ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, ସଂଯୁକ୍ତା ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢ଼ୀ, ଅନୁସୂଚିତ ଜନଜାତି ସଭାପତି ଚୌଧୁରୀ ବେହେରା, ଦାଉଦ ଟପ୍ପ, କ୍ଷମାନିଧି ପାତ୍ର, ଦୁଃଖବନ୍ଧୁ ମୁଣ୍ଡା, ଆମର୍ଜନ ତିରୁ ଦେବେନ୍ଦ୍ର ବାର୍ଲା, ସୁନୀଲ ମୁଣ୍ଡା, କାର୍ତ୍ତିକ ମୁଣ୍ଡା ଓ ବିପ୍ର ଜୟପୁରିଆ ପ୍ରମୁଖ ମଞ୍ଚାସିନ ରହି ବୀର ବିର୍ସା ମୁଣ୍ଡାଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲା ଆଦିବାସୀ ମହାସଂଘର ଦୀର୍ଘ ଦିନର ଦାବିକୁ ପୌରପରିଷଦ ପୂରଣ କରିଥିବାରୁ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ପୌରାଧ୍ୟକ୍ଷା ଓ ପାରିଷଦଙ୍କୁ ମହାସଂଘ ସଭାପତି ଶ୍ରୀ ହେମ୍ବ୍ରମ ସାଧୁବାଦ ଜଣାଇଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ମହୋତ୍ସବ

**ଜମନକିରା, ୮ ।୧୨(ସମିସ):** ସରସ୍ୱତୀ ଶିଶୁ ମନ୍ଦିର ଜମନକିରାର ସପ୍ତଦଶତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ବଲବସପୁର ଜମନକିରା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି । କ୍ରୀଡ଼ା ଉତ୍ସବରେ ଜମନକିରା ଥାନାର ଏଏସଆଇ ସନ୍ତୋଷ କୁମାର ସ୍ୱାଇ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ବିଦ୍ୟାଳୟର ସଭାପତି ସାଲେକରାମ ପଧାନ ଓ ମାତୃଭାରତିର ଅଧ୍ୟକ୍ଷ । ଅନିତା ଦିବେଦୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ଦୀପ ପ୍ରଜ୍ୱଳନ କରି ଛାତ୍ରଛାତ୍ରୀଙ୍କୁ କ୍ରୀଡା ସମନ୍ଦରେ କିଛି ମାର୍ଗଦର୍ଶନ କରିଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସୁରଲି ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ । ବିଦ୍ୟାଳୟର ଗୁରୁମା ଛବିରାଣୀ ଗଡ଼ନାୟକ ବୌଦ୍ଧିକ ପରିଚାଳନା କରିଥିଲେ ।ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଶେଷରେ ବିଦ୍ୟାଳୟର ଗୁରୁମା ଅନିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆବର୍ଜନା କୁଣ୍ଡର ପରିଚାଳନା ହେଉନି



**ଶଗଡ଼ା, ୮ ।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ସମସ୍ତ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ବ୍ଲକ ଜଳ ଓ ପରିମଳ ବିଭାଗ ପକ୍ଷରୁ ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇଛି; ହେଲେ ଆବର୍ଜନା କୁଣ୍ଡର ଉପଯୁକ୍ତ ପରିଚାଳନା ହେଉନି । ଏଣୁ ଏହା ପରିବେଶକୁ ଆହୁରି ଆବର୍ଜନାମୟ କରୁଛି । ସରକାର ପ୍ରତ୍ୟେକ ୱାର୍ଡକୁ ସ୍ୱଚ୍ଛତା ସହ ସୁସ୍ଥ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆବର୍ଜନା କୁଣ୍ଡ ନିର୍ମାଣ କରିଥିଲେ । ଆବର୍ଜନା କୁଣ୍ଡ ନିର୍ମାଣ ହେଲା ସତ; ହେଲେ ବିଭାଗ ଏହାର ପରିଚାଳନା କଥା ସମ୍ପୂର୍ଣ୍ଣ ଭୁଲି ଯାଇଛି । ଏହା ଫଳରେ ଏହି ଆବର୍ଜନା କୁଣ୍ଡଗୁଡିକ ଗ୍ରାମକୁ ସ୍ୱଚ୍ଛ ଓ ନିର୍ମଳ କରିବା ପରିବର୍ତ୍ତେ ଆହୁରି ଅଳିଆ ଆବର୍ଜନା ଜମା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହିତ ଆବର୍ଜନା ଭରି ରହିଛି । ଏହିକୁଣ୍ଡ ଗୁଡିକରେ ଥିବା ଅଳିଆ ଜମାରୁ ଉଠା ଯାଉନି । କୁଣ୍ଡ ଭର୍ତ୍ତି ହୋଇଯିବା ପରେ ଆଖପାଖ ଅଞ୍ଚଳରେ ପଡ଼ି ରହୁଛି । ଜଳ ଓ ପରିମଳ ବିଭାଗ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରି ନିଜର କର୍ତ୍ତବ୍ୟ ସାରି ଦେଇଛି । ଏବେ ଏହାର ଠିକ ପରିଚାଳନା କିଏ କରିବ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ବ୍ଲକର କେତୋଟି ପଞ୍ଚାୟତରେ ଅଳିଆ ଉଠାଇବା ପାଇଁ ଏକ ବ୍ୟାଟେରୀ ଗାଡି ନିୟୋଜିତ ହୋଇଥିଲା । କିଛି ଦିନ ଗଲା ପରେ ଏହି ଗାଡି କୁଆଡେ ଉଭାନ ହୋଇଗଲା । ଏହା ଫଳରେ ପଞ୍ଚାୟତରେ ଅଳିଆ ସଫା ହେଉନି । ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସରକାର ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଅନେକ ଯୋଜନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ବାସ୍ତବରେ ଏହା ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଠିକ ଭାବରେ ରୂପାୟନ ହୋଇ ପାରୁନାହିଁ । ଅନ୍ୟପଟେ ଗ୍ରାମ ଗୁଡିକରେ ସଫା ସୁତରା ପାଇଁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି; ହେଲେ ଠିକ ଭାବରେ କାର୍ଯ୍ୟକାରୀ ହେଉନି ।

# ପରିଚାଳନା କମିଟି ସଭାପତିଙ୍କ ପରଲୋକ



ଲଖନପୁର, ୮ ।୧୨(ସମିସ):ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ କୋଇଲିଘୁଘରସ୍ଥିତ ଶାନ୍ତି କୁଟୀର ପରିଚାଳନା କମିଟି ସଭାପତି ଦଶରଥ ଖମାରୀଙ୍କ ପରଲୋକ ଘଟିଛି । ଦଶରଥଙ୍କ ୬୯ ବର୍ଷ ବୟସରେ ଆକସ୍ମିକ ଦେହାନ୍ତ ହୋଇଛି । ସେ ଦର୍ଗୀଢିପା ଗ୍ରାମ୍ୟ କମିଟିର ସଭାପତି ଥିବାବେଳେ ନଚେନମୁରା ଗ୍ରାମ୍ୟ କମିଟିର ସଦସ୍ୟ ମଧ୍ୟ ଥିଲେ । ପରିବାର ଆତ୍ମୀୟସଜ୍ଜନଙ୍କ ଉପସ୍ଥିତିରେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଛି ।

## କାମରେ ଲାଗୁନି ଦେଢ଼ କୋଟି ଟଙ୍କାର କୋଠା

# ଭୂତକୋଠି ପାଲଟିଛି ପଥପ୍ରାନ୍ତ ସୁବିଧାକେନ୍ଦ୍ର

**ସୋନପୁର, ୮ ।୧୨(ସମିସ):** ଜିଲ୍ଲାରେ ଦୁଇଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ହୋଇଛି । କେଉଁ ବିଭାଗ ଏହାକୁ ପରିଚାଳନା କରିବ, ପରିଚାଳନା ପାଇଁ ଅର୍ଥ କେଉଁଠୁ ଆସିବ ତାହା କାହାକୁ ଜଣାନାହିଁ । ଫଳରେ ଅଦରକାରୀ ହୋଇ ଭୂତକୋଠି ପାଲଟିବାକୁ ଯାଉଛି ପଥପ୍ରାନ୍ତ ସୁବିଧାକେନ୍ଦ୍ର । ରାଜପଥ ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ରାସ୍ତା କଡରେ ପଥପ୍ରାନ୍ତ ସୁବିଧାକେନ୍ଦ୍ର ନିର୍ମାଣ କରିଛନ୍ତି । ତେବେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ବନ୍ଦ ପଡ଼ିଥିବାରୁ ଏଠାରେ ସର୍ବନିମ୍ନ ସୁବିଧା ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ୨ଟି ପଥପ୍ରାନ୍ତ ସୁବିଧାକେନ୍ଦ୍ର ରହିଛି । ଗୋଟିଏ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ସୋନପୁର ବ୍ଲକର ସାହାଜପିଟାଠାରେ ଏବଂ ଅନ୍ୟଟି ସୋନପୁର-ସମ୍ବଲପୁର ୧୫ ନମ୍ବର ରାଜ୍ୟ ରାଜପଥ ମେଟାକାନୀ ମନ୍ଦିର ନିକଟରେ ରହିଛି । ତେବେ ପଥପ୍ରାନ୍ତ ସୁବିଧାକେନ୍ଦ୍ର ବନ୍ଦ ହୋଇ ପଡ଼ିଥିବା ଜଣାପଡ଼ିଛି । ଏହାକୁ କେବଳ ଜଣେ, ଦୁଇ ଜଣ କର୍ମଚାରୀ ଜଗିଛନ୍ତି । ତେବେ କିଛି ମାସ ଏସ୍‌ଏଚଜି ମହିଳାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଏହାର ପରିକଳ୍ପନା କରିଥିଲେ, ତାହା ସାଧିତ ହୋଇ ପାରିନାହିଁ । ପରିଚାଳନାଗତ ତ୍ରୁଟି ଯୋଗୁଁ ବର୍ତ୍ତମାନ ପଥପ୍ରାନ୍ତ ସୁବିଧାକେନ୍ଦ୍ରରେ କୌଣସି ସୁବିଧା ଉପଲବ୍ଧ ହେଉନାହିଁ । ପୂର୍ବରୁ ଏକ ଠିକା ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଥିଲେ ବି ବହୁ ସମସ୍ୟା ଦେଖାଦେଲା । ଏହି କେନ୍ଦ୍ର ଉପରକୁ ଚକାଚକ୍ ଦେଖା ଯାଉଥିବା ବେଳେ ଏଠାରେ ପର୍ଯ୍ୟଟକ ଓ ଯାତ୍ରୀଙ୍କୁ ସାମାନ୍ୟ ସେବା ମିଳୁନାହିଁ । ତେଣୁ କେନ୍ଦ୍ରଦ୍ୱୟ କୌଣସି କାମରେ ଆସୁନାହିଁ । ରାସ୍ତାକଡ ଢ଼ାବା ଓ ଚା ଦୋକାନରେ ଲୋକଙ୍କ ଭିଡ ଲାଗୁଥିବା ବେଳେ ସରକାରଙ୍କ ଦ୍ୱାରା ପରିଚାଳିତ ସୁବିଧାକେନ୍ଦ୍ରକୁ କାହିଁକି ଗ୍ରାହକ ପସନ୍ଦ କଲେ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି ।ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମାଗଣାରେ ଦେଢରୁ ଦୁଇ ଏକର ଜମି ଯୋଗାଇ ଦେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ସୁବିଧାକେନ୍ଦ୍ର ନିର୍ମାଣ ହୋଇଛି । ପ୍ରତି କେନ୍ଦ୍ର ପାଇଁ ପ୍ରାୟ ଦେଢ କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ କରାଯାଇଛି । ୨୦୧୮ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୦୨୦ରେ ସରିଛି । ୨୦୨୧ ନଭେମ୍ବର ମାସ ୨୫ ତାରିଖରେ ସୁବିଧା କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଥିଲା । ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ବିଭାଗକୁ ସୁବିଧାକେନ୍ଦ୍ରକୁ ହସ୍ତାନ୍ତର କରାଗଲା । ପର୍ଯ୍ୟଟନ ବିଭାଗ ପିପିପି ମୋଡରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲା । ହେଲେ ଆନ୍ତରିକତା ଅଭାବ ତଥା ପରିଚାଳନାଗତ ତ୍ରୁଟି ଯୋଗୁଁ ତାହା ସଫଳ ହୋଇ ନଥିଲା । ଏହି କେନ୍ଦ୍ରରେ ରେଷ୍ଟ ରୁମ୍, ରିଫ୍ରେସ ରୁମ୍, କାଫେ, ଡାଇନିଂ, କିଚେନ୍, ଚା, କଫି ସ୍ନାକ୍ସ ସୁବିଧା ସହ ଗାଡି ପାର୍କିଂ, ଏଟିଏମ୍ ଓ ଗ୍ୟାରେଜ୍‌ର ସୁବିଧା ରହିବା କଥା । ତେବେ ଏଟିଏମ୍ ଓ ଗ୍ୟାରେଜ୍ ଏଯାଏଁ ଖୋଲିନାହିଁ । ଅନ୍ୟାନ୍ୟ ଆବଶ୍ୟକ ସୁବିଧା ମଧ୍ୟ ଏହି କେନ୍ଦ୍ରରେ ଉପଲବ୍ଧ ହୋଇ ନାହିଁ । ନିର୍ମାଣ ହୋଇଥିବା ଚକଚକିଆ କୋଠା ଲୋକଙ୍କ ସୁବିଧାରେ ଲାଗି ପାରୁନାହିଁ । ପର୍ଯ୍ୟଟକ ଓ ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ବିଶ୍ରାମ ନେଇ ପାରୁନାହାନ୍ତି । ମହତ୍ ଉଦ୍ଦେଶ୍ୟ ନେଇ ସରକାର ଖୋଲିଥିବା ସୁବିଧାକେନ୍ଦ୍ରରୁ କୌଣସି ସୁବିଧା ମିଳୁନାହିଁ ।




# କୃଷି ସେବା ସମବାୟ ସମିତିର ବୈଠକ



**ଦେବଗଡ଼, ୮ ।୧୨(ସମିସ):** ବାରକୋଟ ବ୍ଲକର ବସାଲଇ ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଅଶୋକ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷୀ ନେତା ସଚ୍ଚିଦାନନ୍ଦ ପଟ୍ଟନାୟକ, ସମିତି ନିର୍ଦ୍ଦେଶକ ଝସକେତନ ସାମଲ, ଓ ସମ୍ପାଦକ ଅଜୟ ସାମଲ ଅତିଥି ଭାବେ ଯୋଗ ଦେଇ ସମିତି ଅଧିନରେ ଥିବା ଚାଷୀମାନେ କିପରି ସୁବିଧାରେ ଧାନ ବିକ୍ରି କରିପାରିବେ ଏବଂ ଚଳିତ ବର୍ଷ ବଜେଟ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ସମିତି ଅଧିନରେ ଥିବା ବହୁ ଚାଷୀ ଉପସ୍ଥିତ ଥିଲେ ।

# ମାଁ ରାମଚଣ୍ଡୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ଥୁଆପାଲି, ୮।୧୨(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡାରେ ମାଁ ରାମଚଣ୍ଡୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶନିବାର ଅଙ୍କୁରାରୋପଣ, ଯଜ୍ଞଶାଳା ଶୁଦ୍ଧିକରଣ ଓ ମଣ୍ଡଳକରଣ ଅନୁଷ୍ଠିତ ହୋଇଯାଇଛି। ରବିବାର କଳସ ଯାତ୍ରା ସହିତ କଳସଧିବାସ ସହ ପୂଜା ଆରମ୍ଭ ହୋଇଛି। ମୁଖ୍ୟ ପଣ୍ଡିତ ଭାବରେ ଶୁକଦେବ ଶତପଥୀ ସମେତ ୧୪ ଜଣ ପଣ୍ଡିତ ସହଯୋଗ କରୁଛନ୍ତି। କର୍ତ୍ତା ଭାବରେ ରାମଚନ୍ଦ୍ର ଭୋଇ, ସୁଧିର କୁମାର ଭୋଇ, ମନୋଜ ସାହୁ, ରାକେଶ ଭୋଇ, ପ୍ରେମାନନ୍ଦ ବେହେରା, ଆଲୋକ ସାହୁ, ବିକାଶ ସ୍ୱାଇଁ, ବାଳକୃଷ୍ଣ ଭୋଇ, ରବିନାରାୟଣ ସାହୁ, ଅତନୁ ଭୋଇ, ମନୀଷ ରଞ୍ଜନ ସାହୁ ସପତ୍ନିକ ପୂଜାର୍ଚ୍ଚନା ସମ୍ପାଦନ କରୁଛନ୍ତି। ମନ୍ଦିର ପ୍ରତିଷ୍ଠା ଉତ୍ସବ କମିଟିରେ ମନୋଜ ଖମାରୀ, ସଦାନନ୍ଦ ସାହୁ, ରାଜିନ ସାହୁ, ମଧୁସୂଦନ ଭୋଇ, ସନ୍ତୋଷ କୁମାର ପ୍ରଧାନ ସହଯୋଗ କରୁଛନ୍ତି। ଅତାବିରା ରାମଚଣ୍ଡୀ ମନ୍ଦିର ସଭାପତି ଦିବାକର ପ୍ରଧାନ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଭେଡେନ ବ୍ଲକ, ଅତାବିରା ବ୍ଲକ, ବରଗଡ଼ ବ୍ଲକ ତଥା ଆଖପାଖ ଅଞ୍ଚଳର ଶହଶହ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ।

# 'ଦୁର୍ଘଟଣାଗ୍ରସ୍ତଙ୍କୁ ରାସ୍ତାକଡ଼ରେ ଛାଡ଼ି ଫେରିଗଲା ୧୦୮'

## ଘରୋଇ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକଲେ ସ୍ୱେଚ୍ଛାସେବୀ

ବରଗଡ଼, ୮।୧୨(ସମିସ)



ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଧୀନ କେନ୍ଦୁଭଟ୍ଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରବିବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବା ସତ୍ତ୍ୱେ ମଧ୍ୟ ଆହତ ଯୁବକକୁ ନନେଇ ଫେରିଯିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ଯୁବକ ଜଣକ ହେଲେ ଗାଇସିଲେଟ ବ୍ଲକ ଅଧୀନ କେନ୍ଦୁଭଟ୍ଟା ଗ୍ରାମର ଜନ୍ମ (୪୦)(ଛଦ୍ମନାମ)। ରବିବାର ସକାଳଠାରୁ ୬ଟା ମଧ୍ୟରେ କେନ୍ଦୁଭଟ୍ଟା ଛକରେ ଜନ୍ମ ଚାଲି ଚାଲି ଯାଉଥିବାବେଳେ ଏକ ଅଜଣା କାର ତାଙ୍କୁ ପଛପଟୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଘଟଣାସ୍ଥଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କର ଡାହାଣ ହାତ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଶରୀରର ଅନ୍ୟ ସ୍ଥାନରେ କ୍ଷତ ହୋଇଥିଲା। ତେବେ ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମାତ୍ର ଆମ୍ବୁଲାନ୍ସ ଆସିଥିଲେ ହେ ଉକ୍ତ ଯୁବକକୁ ନେବାକୁ ମନା କରିଦେବାସହ ସେଠାରୁ ଫେରି ଯାଇଥିଲେ। କାରଣ ଆହତ ଯୁବକଙ୍କ ସହିତ ଚିକିତ୍ସାଳୟକୁ ଯିବା ପାଇଁ ସେଠାରେ କେହି ରାଜି ହୋଇନଥିଲେ। ତେବେ ଆମ୍ବୁଲାନ୍ସରେ ଗାଡ଼ି ଚାଳକଙ୍କୁ ଛାଡ଼ିଦେଲେ ଆହୁରି ଦୁଇଜଣ କର୍ମଚାରୀ ରହିଥିଲେ ମାତ୍ର ସେମାନେ ଦୁର୍ଘଟଣାଗ୍ରସ୍ତ ଯୁବକକୁ ନେବାକୁ ସମ୍ପୂର୍ଣ୍ଣ ମନା କରିଦେଇଥିଲେ। ଉପସ୍ଥିତ ଲୋକେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ କାହିଁକି ନେବନି ସେଇଟା ତମର କର୍ତ୍ତବ୍ୟ ବୋଲି କହିବାରୁ ସଂଗେ ସଂଗେ ଆମ୍ବୁଲାନ୍ସ ମଧ୍ୟରେ ବସିଥିବା ଜଣେ କର୍ମଚାରୀ ଅଫିସକୁ କହିଦିଅ ଦରମା ଦୁଇମାସ ହେଲା ମିଳିନି ଏହା ଦେବାକୁ କହିବାସହ ଘଟଣାସ୍ଥଳରୁ ଫେରିଯାଇଥିଲେ। ସେହି ସମୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ରତିକାନ୍ତ ପଧାନ ନିଜସ୍ୱ କାମରେ କେନ୍ଦୁଭଟ୍ଟାକୁ ଯାଉଥିବା ବେଳେ ଆହତ ଯୁବକକୁ ଦେଖି ନିଜ ଉଦ୍ୟମରେ ଘରୋଇ ଗାଡ଼ିର ବ୍ୟବସ୍ଥା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାସ୍ତାକଡ଼ରେ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିଥିବା ବ୍ୟକ୍ତିଙ୍କୁ ତାର ପରିଚୟ ନ ମିଳିବା ପର୍ଯ୍ୟନ୍ତ ବା ତାର ସମ୍ପର୍କୀୟ ନଆସିବା ଯାଏଁ ଘଟଣାସ୍ଥଳରେ ପଡ଼ି ରହିବାକୁ ଦେବା କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ରାସ୍ତାକଡ଼ରୁ ଉଠାଇ ଚିକିତ୍ସାଳୟରେ ପହଞ୍ଚାଇଲେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଗୁଡ୍ ସାମଟୋରିଏନ ସମ୍ମାନରେ ସମ୍ମାନିତ ମଧ୍ୟ କରାଯାଉଛି। ଏତତ୍ ବ୍ୟତୀତ ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଖୋଦ ଆମ୍ବୁଲାନ୍ସ କର୍ମଚାରୀ ରାସ୍ତାକଡ଼ରେ ଛାଡ଼ି ଚାଲିଯିବା ବୁଦ୍ଧିଜୀବୀ ମହଲରେ ଲୋକେ ନାପସନ୍ଦ କରିଛନ୍ତି। ନିଜସ୍ୱ ଉଦ୍ୟମରେ ଚିକିତ୍ସାଳୟକୁ ପହଞ୍ଚାଇଥିବା ରତିକାନ୍ତଙ୍କୁ ପ୍ରଶଂସା କରିଛନ୍ତି।

# ତୈଳିକ ବୈଶ୍ୟ ସମାଜର ଜିଲ୍ଲା କମିଟି ବୈଠକ

**ପଦ୍ମପୁର, ୮।୧୨(ସମିସ):** ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ତୈଳିକ ବୈଶ୍ୟ ସମାଜର ଜିଲ୍ଲା କମିଟିର ମିଳିତ ବୈଠକ ପଦ୍ମପୁର ପୁରୋହିତ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ସଭାପତି ଭିକାରି ଚରଣ ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ବଲାଙ୍ଗିର ଜିଲ୍ଲା ସଭାପତି ଉମାକାନ୍ତ ସାହୁ, ଉପ ସଭାପତି ମିତ୍ରଭାନୁ ସାହୁ, ବରଗଡ଼ ଜିଲ୍ଲା କମିଟିର ଉପସଭାପତି ମାର୍କଣ୍ଡ ସା ଓ ସ୍ୱର୍ଣ୍ଣକାନ୍ତି ସାହୁ, ସମ୍ପାଦକ ଡ. ଭକ୍ତପୁରନ ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ, ସଭ୍ୟ ପିତାମ୍ବର ସାହୁ, ବସୁଧା ସାହୁ, ଆଇନ ପରାମର୍ଶଦାତା ରାଜକିଶୋର ସାହୁ, ସଭ୍ୟ ମୁକୁନ୍ଦଦେବ ସାହୁ ଓ ରତ୍ନାକର ସା, ପାଇକମାଳ ବ୍ଲକ ସଭାପତି ବଳରାମ ସାହୁ, ବରଗଡ଼ ବ୍ଲକ ସଭାପତି ପ୍ରେମରାଜ ସାହୁ, ଭଟଲି ବ୍ଲକ ସଭାପତି ବିନାୟକ ସା, ଗାଇସିଲେଟ ବ୍ଲକ ସଭାପତି ପରମେଶ୍ୱର ସାହୁ, ଉପଦେଷ୍ଟା ବେଣୁଧର ସାହୁ, ଯୁଧିଷ୍ଠିର ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସମାଜର ସଂଗଠନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିସହିତ ଏକ ସାମାଜିକ ସମସ୍ୟାର ସମାଧାନ କରାଯାଇଥିଲା। ଶେଷରେ ପିତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଗରିକ କମିଟିର ବୈଠକ

**ପଦ୍ମପୁର, ୮।୧୨(ସମିସ):** ଟାଉନହଲ ପରିସରରେ ନାଗରିକ କମିଟିର ବୈଠକ ସଭାପତି ରାମଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଜିତ ଶତପଥୀ ପୂର୍ବ ବିବରଣୀ ପଠନ ପରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ର କ୍ୟାବିନେଟରେ ଓଡ଼ିଶାର ୮ ଟି ସ୍ଥାନରେ ନୂତନ ଭାବେ କେନ୍ଦ୍ରିୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁମୋଦିତ ହେବା ସତ୍ତ୍ୱେ ବହୁ ପ୍ରତୀକ୍ଷିତ ପଦ୍ମପୁରର ପ୍ରସ୍ତାବିତ କେନ୍ଦ୍ରିୟ ବିଦ୍ୟାଳୟର ସ୍ଥାପନ ପାଇଁ ଅନୁମୋଦନ ମିଳି ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କୁ ଧାର୍ଯ୍ୟ ପ୍ରଶାସନିକ କ୍ଷମତା ପ୍ରଦାନ, ରିକ୍ରିଏସନ୍ ସେଣ୍ଟରରେ ଅଡିଟୋରିୟମ ନିର୍ମାଣ, ନୂତନ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ସାକ୍ଷାତ କରି ପଦ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ଚାଲୁଥିବା ନିଶା କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବା ପାଇଁ ଅନୁରୋଧ କରିବା ସହିତ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟର ସ୍ଥାପନ, ଜଳଛାୟା କାର୍ଯ୍ୟାଳୟର ସ୍ଥାପନ ତଥା ବେସରକାରୀ ନୂତନ ବସ୍ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ସଭ୍ୟ ଭକ୍ତପୂରନ ସାହୁ, ସୀତାରାମ ପଟ୍ଟନାୟକ, ଡୋଳାମଣି ମିଶ୍ର, ପ୍ରତାପ ମିଶ୍ର, ଆଦିତ୍ୟ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନାଗରିକ କମିଟିର ଉପସଭାପତି ସାମାଜିକ କର୍ମୀ ନିରୋଜ ଦୋରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ବିଂଝାଲ ସମାଜ ପକ୍ଷରୁ ତ୍ରୟୋଦଶ ମହାସଭା

**ପାଇକମାଳ, ୮।୧୨(ସମିସ):** ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୃସିଂହନାଥସ୍ଥିତ ମାଁ ବିନ୍ଧ୍ୟବାସିନୀ ଦେବୀ ମନ୍ଦିରରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଂଝାଲ ସମାଜ ପକ୍ଷରୁ ତ୍ରୟୋଦଶ ମହାସଭା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଲାଟ ସଭାପତି ହୃଷୀକେଶ ବରିହାଙ୍କ ଅଧ୍ୟକ୍ଷତାରେ ମହାସଭାରେ ସମାଜର ଦ୍ୱିତୀୟ ଅଧିବେଶନରେ ପ୍ରଥମେ ବିନ୍ଧ୍ୟାଞ୍ଚଳସ୍ଥିତ ମାଁ ବିନ୍ଧ୍ୟବାସିନୀ ଦେବୀଙ୍କ ଠାରୁ ଅଣାଯାଇଥିବା ଆଜ୍ଞାମାଳା ସହ ଇଷ୍ଟଦେବୀ

## ଶିକ୍ଷାକୁ ଦୀକ୍ଷା ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି

ମାଁ ବିନ୍ଧ୍ୟବାସିନୀ ଦେବୀ, ସ୍ୱାଧୀନ ସଗ୍ରାମୀ ମାଧୋସିଂ, ଦେବୀ ସିଂ, ସ୍ୱର୍ଗତ ବିଧାୟକ ବିଜୟ ରଞ୍ଜନ ବରିହାଙ୍କ ପ୍ରତିଛବିରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ଭୋଜରାଜ ସିଂ ବରିହା, ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗ, ସମ୍ପାଦକ ଆଶାରାମ ବରିହା, ଜେହେରୁ ବରିହା, ପ୍ରମୋଦ ଝାଙ୍କର, ମନୋରଞ୍ଜନ ବରିହା, ବଲାଙ୍ଗିର ଜିଲ୍ଲା ଉପସଭାପତି ଅର୍ଜୁନ ବରିହା, ସମ୍ପାଦକ ଗନ୍ଧର୍ବ ବରିହା, ରାମଚନ୍ଦ୍ର ବରିହା, ହିମାଦ୍ରି ବରିହା, ସମ୍ପଦ ବରିହା, ନରୋତ୍ତମ ବରିହା, ବଲାଙ୍ଗିର ବ୍ଲକ ସଭାପତି କୁଶ ବରିହା, ସମ୍ପାଦକ ଯୁଗଳ କିଶୋର ବରିହା ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, କରୁଣା ବରିହା, ବିପିନ ବରିହା, କିଶୋର ଚନ୍ଦ୍ର ବରିହା ପ୍ରମୁଖ ମଞ୍ଚାସିନ ଅତିଥି




ଭାବେ ଯୋଗଦେଇଥିଲେ। ଅତିଥି ଓ ସମାଜ କଳାକାର, କବି ଲେଖକ, ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜ ପକ୍ଷରୁ ସ୍ମରଣିକା ଓ 'କରମ ସାନୀ କଥାନୀ' କାବ୍ୟ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶେଷରେ ସର୍ବ ଭାରତୀୟ ସ୍ତରରେ ସମାଜର ପରିଚାଳନା କମିଟି ଗଠନ କରାଯାଇଥିଲା। ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ସହ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଆଦି ରାଜ୍ୟରୁ କର୍ମକର୍ତ୍ତାମାନେ ଯୋଗଦେଇ ଥିବାବେଳେ ୧୦ ହଜାରରୁ ଅଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ଶିକ୍ଷାବିତ ଶଙ୍କର ପ୍ରସାଦ ମାଝୀ ସଭା ପରିଚାଳନା କରିଥିବା ବେଳେ ପାଇକମାଳ ଓ ପଦ୍ମପୁରର ସମସ୍ତ କର୍ମକର୍ତ୍ତା ସଦସ୍ୟମାନେ ସହଯୋଗ କରିଥିଲେ। ତୁଳସୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପାଇକମାଳ, ୮।୧୨(ସମିସ):** ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ରାଜସ୍ୱ, ପରିବେଶ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟବକ୍ତା ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ ଗଡ଼ତିଆ, ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା କମିଟିର ସମ୍ପାଦକ ସୁରେଶ୍ୱର ଶତପଥୀ ଓ ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭଲ ପାଠପଢ଼ି ଉତ୍ତମ ନାଗରିକ ହୋଇ ଦେଶ ସେବା କରିବାସହ ବାପା, ମାଁ ଓ ନିଜ ମାଟିର ନାମ ରଖିବା ପାଇଁ ଉପଦେଶ ଦେଇଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ ଅଧ୍ୟାପିକା ନିରୁପମା ପ୍ରଧାନ କରିଥିବା ବେଳେ ବାର୍ଷିକ ବିବରଣୀ ପଠନ ଇଂରାଜୀ ଶିକ୍ଷକ ସୁନିଲ ପ୍ରଧାନ କରିଥିଲେ। ଗତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରଜ୍ଞାପରୀମିତା ପ୍ରଧାନ ଓ କଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱର୍ଗତ ଶ୍ରେୟା ସାହୁଙ୍କ ପିତାଙ୍କୁ ମରଣୋତ୍ତର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଇତିହାସ ବିଭାଗ ଶିକ୍ଷକ ମୀନକେତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

**ସୋହେଲା, ୮।୧୨(ସମିସ):** ସୋହେଲା ଏସ୍‌ସି ଓ ଏସ୍‌ଟି ମିଳିତ ମଞ୍ଚ ପକ୍ଷରୁ ଇଛାପାଲି ଗ୍ରାମ ଆମ୍ବେଦକର କ୍ଲବରେ ଭାରତୀୟ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ସଦସ୍ୟ ଅଶୋକ ଛତରଙ୍କ ପରିଚାଳନାରେ ଆମନ୍ତ୍ରିତ ଅତିଥିଗଣ ବାବାସାହେବଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ସମାରୋହର ଶୁଭାରମ୍ଭ କରିଥିଲେ। ବିଏସପିର ବରିଷ୍ଠ ନେତା ତଥା ମିଳିତ ମଞ୍ଚର ଉପଦେଷ୍ଟା ନାରାୟଣ ଭେସ୍ରା, ଆମ୍ବେଦକରବାଦୀ ବଳରାମ ଦୀପ, ନାରୀ ନେତ୍ରୀ ସୁରେଖା ଭୂଏ, ରମେଶ ଭୂଏ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସଭାରେ ମିଳିତ ମଞ୍ଚର ସଦସ୍ୟଗଣ ବିଶ୍ୱ କୁମ୍ଭାର, ବଳଦେବ ଲୁହା, ସୁଦାମ ମହାନନ୍ଦ, ମନୋଜ ବାଗ, ମନୋଜ କୁମାର ନନ୍ଦ ଓ ଇଛାପାଲି ଆମ୍ବେଦକର କ୍ଲବର ଯୁବବର୍ଗ ଉପସ୍ଥିତ ଥିଲେ। ଶେଷରେ ଏସ୍‌ସି, ଏସ୍‌ଟି ମିଳିତ ମଞ୍ଚ ସୋହେଲା ସଭାପତି ବିକ୍ରମ ମହାନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଯକ୍ଷ୍ମା ନିରାକରଣ ଅଭିଯାନ ଆରମ୍ଭ

**ବିଜେପୁର, ୮।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜେପୁରରେ ଶହେ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସୁଶାନ୍ତ ମେହେର ଏହି ଅଭିଯାନର ଶୁଭ ଉଦଘାଟନ କରିଥିଲେ। ସୂଚନାଯୋଗ୍ୟ ଯେ ଆଗାମୀ ଡିସେମ୍ବର ୭ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ବୃଦ୍ଧବୃଦ୍ଧା, ପୁଷ୍ଟିହିନ ବ୍ୟକ୍ତି, ମଧୁମେହ, ଏଚ୍‌ଆଇଭି, ନିଶାଗ୍ରସ୍ତ ବ୍ୟକ୍ତି ଆଦିଙ୍କ କ୍ଷେତ୍ରରେ ଏହି ରୋଗ ନିରାକରଣ ପାଇଁ ଅଧିକ ଗୁରୁତ୍ୱ ଆରୋପ କରାଯିବ ବୋଲି ଡା. ମେହେର କହିଛନ୍ତି। କାର୍ଯ୍ୟକ୍ରମରେ ଦେବାଶିଷ ଦେବତା, ସୁଦାମ ପାଣିଗ୍ରାହୀ, ବିଜୟ ସରାଫଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ଆଶା ଦିଦି, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଯକ୍ଷ୍ମା ମୁକ୍ତ ପଞ୍ଚାୟତ ପାଇଁ ଆହ୍ୱାନ କରିଥିଲେ। ଅବସରରେ ଶୋଭାଯାତ୍ରା ଆୟୋଜନ କରି ଜନସାଧାରଣଙ୍କୁ ସଚେତନତା କରିଥିଲେ।

# ମାଁ ମାହେଶ୍ୱରୀ ସେନାର ସାଧାରଣ ବୈଠକ

**ଭେଡେନ, ୮।୧୨(ସମିସ):** ଭେଡେନ ବ୍ଲକ ଅଧୀନ ପପଙ୍ଗା ପାହାଡ଼ ତଳେ ମାଁ ମାହେଶ୍ୱରୀ ସେନାର ସାଧାରଣ ବୈଠକ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରଫୁଲ କୁମାର କର୍ଣ୍ଣଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେନାର ସେବା କାର୍ଯ୍ୟକ୍ରମଗୁଡ଼ିକ କିପରି ସମସ୍ତ ଗ୍ରାମ୍ୟସ୍ତରରେ ଠିକ ଭାବେ ପହଞ୍ଚି ପାରିବ ଓ ସଂଗଠନରେ ଆହୁରି ସଦସ୍ୟ ଯୋଡ଼ି ହୋଇପାରିବେ ସମସ୍ତ ସଂଯୋଜକମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁରୂପେ ପରିଚାଳିତ କରିବା ପାଇଁ ୨୦ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ବୈଠକରେ ସଂଗଠନର ନିୟମାବଳୀ ଉପସ୍ଥାପିତ ହୋଇଥିଲା। ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ବୃନ୍ଦ ଆଗାମୀ ଭବିଷ୍ୟତରେ ଅଧିକ ଶୃଙ୍ଖଳିତ ରହିବା ପାଇଁ ସଂଗଠନର ନିୟମାବଳୀକୁ ମାନିବାକୁ ସଂକଳ୍ପ ନେଇଥିଲେ। ସମ୍ପାଦକ ଘନଶ୍ୟାମ କମ୍ପ ଚଳିତ ବର୍ଷର ଆୟ ବ୍ୟୟର ହିସାବ ଦେବା ସହ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭେଡେନ, ୮।୧୨(ସମିସ):** ଭେଡେନ ବ୍ଲକ ବକଟି ଉଚ୍ଚ ବିଦ୍ୟାଳୟ ଓ ମଧ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍କୁଲପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଗୌରଚନ୍ଦ୍ର ଦନ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ତନସନା, ବ୍ରଜରାଜ ବେହେରା, ନାକକାଟୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ନରେଶ ଦାଶ ଓ ପ୍ରଧାନଶିକ୍ଷକ ଆନନ୍ଦ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କ ଅତିଥି ଗଣ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ଖେଳ ଶିକ୍ଷକ ଦାମ୍ବୋଦର ଚିନ୍ଦ୍ରା, ଶିକ୍ଷକ ଅବଦୁଲ ବାଗ, ସଞ୍ଜୀବ ପଣ୍ଡା, ଭାସ୍କର ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଗଜାନନ ମେସୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଧ୍ରୁବରାଜ୍ ଡାଙ୍ଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା

# ଫାଇନାଲରେ ବଲାଙ୍ଗିର ସ୍ପୋର୍ଟସ ହଷ୍ଟେଲ

ବରଗଡ଼, ୮।୧୨(ସମିସ)




ପଞ୍ଚମ ଧ୍ରୁବରାଜ୍ ଡାଙ୍ଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଦିବସରେ ବଲାଙ୍ଗିର ଓ କାଇଁଶିର ଟିମ୍ ବିଜୟୀ ହୋଇଛି। ସେହିପରି ବଲାଙ୍ଗିର ସ୍ପୋର୍ଟସ ହଷ୍ଟେଲ ଦଳ ଗ୍ରୁପ୍ 'କ'ରୁ ପ୍ରଥମ ଦଳ ଭାବରେ ଫାଇନାଲକୁ ଉନ୍ନୀତ ହୋଇଛି। ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡିୟମ୍‌ରେ ଆୟୋଜିତ ହେଉଥିବା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍ ବଲାଙ୍ଗିର ସ୍ପୋର୍ଟସ ହଷ୍ଟେଲ ଓ କଳା ଡୁଙ୍ଗୁରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ବଲାଙ୍ଗିର ଦଳ ଟାଇ ବ୍ରେକରରେ ୩-୨ ଗୋଲରେ ହରାଇଥିଲେ। ମ୍ୟାଚ୍‌କୁ ଦୀପେଶ ପ୍ରଧାନ, ଅଜୟ ପ୍ରଧାନ, ଶୁଭମ ପାତ୍ର ଓ ଉମାଶଙ୍କର ବଣିଆ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି କାଇଁଶିର ଓ କଦଳୀପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାଚ୍‌ଟି ଗୋଲ ଶୂନ୍ୟ ହୋଇଥିବା ବେଳେ ଟାଇ ବ୍ରେକର୍‌ରେ କାଇଁଶିର ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ପଞ୍ଚାନନ ପାତ୍ର, ସନ୍ତୋଷ ପଟେଲ, ଅଶ୍ୱିନୀ ମେହେର ଓ ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିଥିଲେ। ଆଜି ଗ୍ରୁପ- 'କ'ର ସେମିଫାଇନାଲ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ବଲାଙ୍ଗିର ଦଳ ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା କାଇଁଶିର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର ସ୍ପୋର୍ଟସ ହଷ୍ଟେଲ ଦଳ ୨-୦ ଗୋଲରେ ବିଜୟୀ ହୋଇ ଗ୍ରୁପ 'କ'ରୁ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ୧୨ ନମ୍ବର ଖେଳାଳୀ ପ୍ରମୋଦ ବାଗ ଓ ୧୧ ନମ୍ବର ଖେଳାଳୀ ଗଗନ ବାଗ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ମ୍ୟାଚ୍‌କୁ ସୁରେଶ ଦାଶ, ସନ୍ତୋଷ ପ୍ରଧାନ, ଶୁଭମ ପାତ୍ର ଓ ଅଶ୍ୱିନୀ ମେହେର ପରିଚାଳନା କରିଥିଲେ। ଆଜି ଅତିଥି ଭାବରେ କାଳିଆ ପାତ୍ର, ମହେନ୍ଦ୍ର ଦାଶ, ଦିଲୀପ ସାଓ୍ୱଡ଼ିଆ, ସେକ କାଦିର, ସନତ ହୋତା, ପ୍ରଶାନ୍ତ ତ୍ରିପାଠୀ ଓ ପିନୁ ବାବୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# ସରକାରୀ ଉଚ୍ଚବିଦ୍ୟାଳୟରେ ମିଶନ-୧୦୦ କାର୍ଯ୍ୟକ୍ରମ



**ପାଇକମାଳ, ୮।୧୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ ହାଇସ୍କୁଲରେ ମିଶନ-୧୦୦ କାର୍ଯ୍ୟକ୍ରମ ବିଇଓ ଚୁଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଇଓ ଜନକଲାଲ ମେହେର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମାପନ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମୟର ସଦୁପଯୋଗ ଓ କଠିନ ପରିଶ୍ରମ କରିବାସହ ସମସ୍ତ ବିଷୟରେ ୧୦୦ନମ୍ବର ରଖି କୃତିତ୍ୱ ଅର୍ଜନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକର ୮୭ଜଣ ଛାତ୍ରଛାତ୍ରୀଙ୍କୁ ୧୭ ଜଣ ସାଧନ କର୍ମୀ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ କୁମାର ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଭୋଇ ନନ୍ଦଲାଲ ନାୟକ, ବଳରାମ ସାହୁ ତଥା ଶିକ୍ଷାବିତ୍ ସସ୍ମିତା ସାହୁ ଯୋଗଦେଇଥିଲେ। ବବିତା ବେହେରା, ସୁଦାମ ପାଣ୍ଡେ, ଲଳିତ କୁମାର ବିଶ୍ୱାଳ, ନନ୍ଦିନୀ ସେଠ, ଅମିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଦ୍ୱାଦଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

